

# ଧର୍ମଶାସ୍ତ୍ର କେଉଁଟି

ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

---

ଅନୁବାଦକ : **ରଘୁନାଥ ମାନସିଂହ**

---




ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46 | ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 | ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଗ୍ରନ୍ଥଶୈଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଦ୍ମା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଝଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ରହଳକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଳି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର - ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣିମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । - ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା, ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

**୧.କଳ୍ପନା ସୁନ୍ଦରାୟ:**7978498668, **୨. ପ୍ରଶାନ୍ତ ପଟ୍ଟନାୟକ:**9160767516.

**୩.ତେଜସ୍ୱିନୀ ମାନସିଂହ:**9777075446, **୪.ଦିପ୍ତିରଞ୍ଜନ ପଣ୍ଡା :** 7873229092.

**୫.ଲକ୍ଷ୍ମୀଧର ପାଇକରାୟ:**9692557801, **୬.ଶ୍ରୀନିବାସ ମାନସିଂହ:** 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଗୃଛଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚ୍ଚର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଗୃଛଳ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ  ସ୍ୱୀକାର କରିବାକୁ  ବାଧ  ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ | ପ୍ରଥମ ଦୈବଗ୍ରନ୍ଥ | ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଲୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଲବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ଧର୍ମଶାସ୍ତ୍ର କେଉଁଟି

ଜଗତରେ ବିଚାର ଜ୍ଞାନ ନଥିବା କୌଣସି ଜୀବରାଶିର ଧର୍ମଶାସ୍ତ୍ରରେ କିଛି କାମ ନାହିଁ । ସମ୍ପୂର୍ଣ୍ଣ ବିଶ୍ୱାସର ସହିତ କହିପାରିବା ଯେ, ବିଚାରଶୀଳ ଜୀବ ହେଉଛି ମଣିଷ, ତେଣୁ ପ୍ରତ୍ୟେକ ମଣିଷ ଧର୍ମଶାସ୍ତ୍ର ବିଷୟରେ ଜାଣିବା ଉଚିତ୍ । ଧର୍ମଶାସ୍ତ୍ର ମଣିଷକୁ ଆହାର ଦେଉଛି, କି କିଛି ଆଦାୟ ଦେଉଛି ? ଯଦି କିଛି ଲାଭ ଦେଉନାହିଁ ତେବେ ଧର୍ମଶାସ୍ତ୍ରକୁ ମଣିଷ କାହିଁକି ଜାଣିବ ? ବୋଲି କିଛିଲୋକ ପଚାରି ପାରନ୍ତି । ତାର ସମାଧାନ ଦେଖିଲେ, ଧର୍ମଶାସ୍ତ୍ର ଦ୍ୱାରା ମଣିଷକୁ ଓଳିଏ ଖାଇବାକୁ ମିଳୁ ନାହିଁ କି ତା ଦ୍ୱାରା ଟଙ୍କାଟିଏ ଲାଭ ମିଳୁ ନାହିଁ । ଏମିତି କୌଣସି ଭୌତିକ ଜୀବନଚର୍ଯ୍ୟାରେ ଆସୁନାହିଁ ବୋଲି ଯେ, ଧର୍ମଶାସ୍ତ୍ର ଆମର ଦରକାର ନାହିଁ ବୋଲି କହିପାରିବା ନାହିଁ । କାରଣ ! ଧର୍ମ ମଣିଷକୁ ଆହାର, ଆଦାୟ ଦେଉନାହିଁ ସିନା, ଏହା ସିଧା ମଣିଷ ସହିତ ସମ୍ବନ୍ଧୀତ ହୋଇ ରହିଛି । ଧର୍ମ ମଣିଷ ଜୀବନର ଏକ ଭାଗ ହୋଇ ରହିଛି । ହେଲେ ଏ ବିଷୟ ସମସ୍ତଙ୍କୁ ଜଣାନଥାଏ ।

ଜଣେ ବ୍ୟକ୍ତି ଧର୍ମକୁ ଜାଣି ଜୀବନ ବଞ୍ଚିଲେ ତା ଜୀବନ ବଞ୍ଚିବା ହିଁ ପ୍ରକୃତ ଜୀବନ ବୋଲି କହିପାରିବା । ତା ନହୋଇ ଧର୍ମ କଣ ନଜାଣି, ଧର୍ମହୀନ ଜୀବନ ବଞ୍ଚିଲେ ତାହା ମୂଲ୍ୟହୀନ ଜୀବନ ହୋଇଥାଏ । ମଣିଷ ଜୀବନରେ ମଣିଷ ସହିତ ସମ୍ବନ୍ଧୀତ ହୋଇ ରହିଥିବା ଧର୍ମ ଗୋଟିଏ ବାହାନ ସହିତ ସମ୍ବନ୍ଧୀତ ହୋଇ ରହିଥିବା ଲାଇଟ୍ ଭଳି । ଅନ୍ଧାରରେ ଯାତ୍ରା କରୁଥିବା ବାହାନ (କାର୍) ପାଇଁ ତାର ଲାଇଟ୍ ଯେତିକି ଆବଶ୍ୟକ, ମଣିଷ ଜୀବନରେ ତା ପାଇଁ ଧର୍ମ ସେତିକି ଆବଶ୍ୟକ । ବାହାନରେ ଥିବା ଲାଇଟ୍ ବାହାନଟିକୁ ଚଲାଇନଥାଏ କି ଚାଲିବା ପାଇଁ ଶକ୍ତି ଦେଇନଥାଏ । ବାହାନ ବିନା ଲାଇଟରେ ଚାଲିପାରେ । ଯଦି ବାହାନରେ ଲାଇଟ୍ ନାହିଁ ତେବେ ତାହା କେତେ ମୂଲ୍ୟବାନ ବାହାନ ହୋଇଥାଉ ରାତିରେ ଯିବାବେଳେ ଅବାଟରେ ଚାଲିଯିବ, ଅବାଟରେ ଚାଲିଲେ ତାର ଯାତ୍ରା ଖାଲଢିପ ବଣବୁଦା, ଘରଦ୍ୱାର ନମାନି ବିପଦମୟ ହୋଇଯିବ । ଯଦି ସେଭଳି

କିଛି ବଡ ଖାଲହେଉ କି ବଡ ପଥର ହେଉ ବାହାନ ଆଗରେ ପଡିଗଲା ତେବେ ସେତିକିରେ ବାହାନର ଯାତ୍ରା ବନ୍ଦ ହୋଇଯିବ । ସେହିଭଳି ମଣିଷ ଜୀବନରେ କେତେବଡ ଧନୀମାନୀ ହେଉ ତା ଜୀବନ ଉପରକୁ ଭଲରେ ବିତୁଥିବା ଭଳି ଦେଖାଯାଏ ସିନା, ଧର୍ମହୀନ ମଣିଷର ଶାନ୍ତି ନଥାଏ । ତା ଜୀବନ ଅସଂତୃପ୍ତି, ଆବେଦନ ନାମକ ଖାଲଢିପରେ ଯାତ୍ରାକରିବ । ଯଦି ଜବନରେ ସେଭଳି କିଛି ବଡ ଘଟଣା ସମ୍ମୁଖୀନ କରିବାକୁ ପଡେ ସେତେବେଳେ ଧର୍ମହୀନ ମଣିଷ ତାହା ସହ୍ୟକରି ପାରେ ନାହିଁ । ବଞ୍ଚିବା ଅପେକ୍ଷା ମରିଯିବା ଭଲ ଭାବିଥାଏ । ରାସ୍ତା ନପାଇ ବାହାନ ଅଟକିଯିବା ଭଳି, ଧର୍ମ ଜଣା ନଥିବା ମଣିଷ ଜୀବନର ଲକ୍ଷ୍ୟକୁ ନଜାଣି, ରାସ୍ତା ନପାଇ ଅଗମ୍ୟ ଅଗୋଚର ସ୍ଥିତିରେ ଜୀବନ ବିତାଇଥାଏ ।

ଆଜି ଅନେକ ଲୋକ ନିଜର ଧର୍ମ କଣ ଜଣାନଥିବା ସ୍ଥିତିରେ ଜୀବନ ବଞ୍ଚି, ଆମେ ଠିକ୍ ବାଟରେ ଅଛୁ ବୋଲି ଭାବିଥାନ୍ତି । ଦିନବେଳା ଲାଇଟ୍ ନଥାଇ ମଧ୍ୟ ଯାତ୍ରା କରୁଥିବା ବାହାନ ରାତିରେ ଯାତ୍ରା କରିବାବେଳେ ନିଶ୍ଚୟ ଲାଇଟ୍ ଦରକାର ବୋଲି ଭାବିନଥାଏ । ଦିନବେଳା ବାହାନରେ ଥିବା ଲାଇଟ୍ ବାହାନର ଏକ ଭାଗ ବୋଲି ବାହାନକୁ ଜଣାନଥିବା ଭଳି, ଧର୍ମ ମଧ୍ୟ ମଣିଷ ଜୀବନର ଗୋଟିଏ ଭାଗ ବୋଲି ଜାଣିନଥିବା ଅନେକ ଲୋକ ସମାଜରେ ଜୀବନ ବଞ୍ଚିଥାନ୍ତି । ଜୀବନର ମାର୍ଗଦର୍ଶକ ହେଉଛି ଧର୍ମ । ଧର୍ମ କଣ ନଜାଣି, ଧର୍ମ କହିଲେ କଅଣ ? ବୋଲି ପଚାରୁଥିବା ପରିସ୍ଥିତିରେ ମଣିଷ ରହିଥାଏ । କିଛିଲୋକ ଏହା ଏକ ନୂଆକଥା ବୋଲି ମଧ୍ୟ ଭାବିଥାନ୍ତି । ଧର୍ମର ଅର୍ଥ ଅଛି, ତାହା ମଣିଷ ସାଥିରେ ଅଛି । ଧର୍ମ ମଣିଷ ସାଥିରେ ନଥିଲେ ମଣିଷ ମଣିଷ ହିଁ ନୁହେଁ ବୋଲି ଜାଣିଥିବା ଈଶ୍ୱର, ମଣିଷର ପାପ କ୍ଷମାପଣ ପାଇଁ ମଣିଷକୁ ଧର୍ମ ବାବଦରେ ମନେ ପକାଇ ଦେବା ସଦୃଶ ସ୍ୱୟଂ ଆସି ଧର୍ମ ଜଣାଇଥାନ୍ତି । ଈଶ୍ୱର ଏତେ ଶ୍ରମକରି ସ୍ୱୟଂ ମଣିଷ ପାଖକୁ ଆସି ମଣିଷକୁ ଧର୍ମ ଜଣାଇଲେ ମଧ୍ୟ, ଆମର ଧନସମ୍ପତ୍ତି ଦରକାର ସିନା ଧର୍ମ କି କାମରେ ଆସିବ ବୋଲି କହିଥାଏ । ଧନ ସମ୍ପତ୍ତି

ନଥିଲେ ବଞ୍ଚିହେବ ନାହିଁ ସିନା, ଏ ଧର୍ମ ନଥିଲେ କଣ ବଞ୍ଚିପାରିବା ନାହିଁ ବୋଲି ମଣିଷ ପ୍ରଶ୍ନ କରିଥାଏ । ପିଲା କୁକୁରଟି ମାଂସ ନଥିବା ହାଡକୁ କାମୁଡି କାମୁଡି ଆହା ! କି ସୁଆଦ ଲାଗୁଛି ଭାବିବା ଭଳି, କର୍ମଘେନି ରହିଥିବା ମଣିଷ ଧର୍ମହୀନ ଜୀବନ ବଞ୍ଚୁ ବଞ୍ଚୁ ଆହା ! ଏ ଜୀବନ କି ସୁନ୍ଦର ବୋଲି ଭାବୁଥାଏ । ରଗଡୁଥିବା ହାଡରେ ସ୍ୱାଦ ନାହିଁ ବୋଲି କୁକୁରଛୁଆକୁ ଜଣା ନଥିବା ଭଳି, ମଣିଷ ବଞ୍ଚୁଥିବା ଜୀବନରେ କିଛି ସାର ନାହିଁ, ଅସାର ଜୀବନ ବୋଲି ମଣିଷ ଜାଣିପାରି ନଥାଏ ।

ମାଂସ ନଥିବା ହାଡକୁ କଷ୍ଟକରି ଚୋବାଉଥିବା କୁକୁର ହାଡ ଚୋବାଇ ମୁହଁ ଭିତରୁ ରକ୍ତ ଝରୁଥିବା ବେଳେ, ନିଜ ରକ୍ତ ସ୍ୱାଦକୁ ନିଜେ ଅନୁଭବ କରି, ତାହା ହାଡରୁ ପାଉଥିବା ସ୍ୱାଦ ବୋଲି ଭାବୁଥିବା ବେଳେ, ପାଖରେ ମାଂସଥିବା ହାଡକୁ ଖାଉଥିବା ଅନ୍ୟ କୁକୁରକୁ ଦେଖି, ହୁଏତ ସେ ମୁଁ ଖାଉଥିବା ହାଡକୁ ମୋଠାରୁ ଛଡାଇ ନେଇଯିବ ଭାବି ଲୁଚାଇ ଖାଇବା ଭଳି, ଧର୍ମହୀନ ଜୀବନ ବିତାଉଥିବା ଲୋକମାନେ ଧର୍ମ ଜାଣିଥିବା ଲୋକକୁ ଦେଖିଲେ ହୁଏତ ସେ ମୋ ସୁନ୍ଦର ଜୀବନକୁ ବିଗିଡାଇଦେବ ଭାବି ଭୟରେ ଲୁଚିଥାଏ ।

ଏହାର କାରଣ ଧର୍ମ କଣ ନଜାଣିବା, ଧର୍ମର ମୂଲ୍ୟ ବୋଧ ନହେବା ବୋଲି ବୁଝିହେଉଛି । ଏସବୁକୁ ଲକ୍ଷ୍ୟକଲେ ମାନବ ଧର୍ମଠାରୁ ଦୂରରେ ବଞ୍ଚୁଛି ବୋଲି ଜାଣିହୁଏ ।

ମଣିଷ ଭିତରେ ଗରିବଠାରୁ ଆରମ୍ଭକରି ଧନୀକ ପର୍ଯ୍ୟନ୍ତ, ପଣ୍ଡିତ ମାନଙ୍କଠାରୁ ଆରମ୍ଭ କରି ପାମର ପର୍ଯ୍ୟନ୍ତ, ବେକାରିଠାରୁ ଆରମ୍ଭକରି ମହର୍ଷିମାନଙ୍କ ପର୍ଯ୍ୟନ୍ତ, ଅଜ୍ଞାନୀ ମାନଙ୍କଠାରୁ ଆରମ୍ଭକରି ସ୍ୱାମୀଜୀମାନଙ୍କ ପର୍ଯ୍ୟନ୍ତ ଅନେକ ପ୍ରକାରର ମଣିଷ ଭୁପୃଷ୍ଠରେ ଅଛନ୍ତି । ଏହିଭଳି ସବୁ ପ୍ରକାରର ଥିବା ମଣିଷ ସମାଜରେ ଧର୍ମ ଜାଣିଥିବା ଲୋକ କେତେଜଣ ଅଛନ୍ତି ବୋଲି ପ୍ରଶ୍ନକରି ଦେଖିଲେ, ସାଧାରଣ ମଣିଷ

ମୋତେ ଧର୍ମ କଅଣ ଜଣା ନାହିଁ ବୋଲି ସ୍ୱୀକାର କଲେ ମଧ୍ୟ, ସ୍ୱାମୀଜୀମାନେ, ପଣ୍ଡିତମାନେ ଆମକୁ ଧର୍ମ ଜଣାଅଛି, ଧର୍ମ ଅନୁସାରେ ଆମେ ଜୀବନ ବଞ୍ଚୁଛୁ ବୋଲି କହିଥାନ୍ତି, ସେମାନଙ୍କ କଥା ସତ ବୋଲି ଆମେ ସ୍ୱୀକାର କଲେ ମଧ୍ୟ, ଈଶ୍ୱର ସ୍ୱୀକାର କରନ୍ତି ନାହିଁ । କାରଣ ! ଆମ ହିସାବରେ କୁହାଯାଉଥିବା ଧର୍ମ ଅଲଗା, ଈଶ୍ୱରଙ୍କ ହିସାବରେ କୁହାଯାଇଥିବା ଧର୍ମ ଅଲଗା, ସେମାନଙ୍କୁ ଜଣାଥିବା ରୀତିରେ ସେମାନେ ଧର୍ମ ବାବଦରେ ବୁଝିଥିବାରୁ ଆମେ ଧର୍ମ ଜାଣିଛୁ ବୋଲି ଗର୍ବର ସହିତ କହିପାରି, ସମାଜରେ ରହିଛନ୍ତି । ମଣିଷ ନିଜ ଇଚ୍ଛାରେ ଯାହା ଜାଣିଛି ତାହାକୁ ହିଁ ଧର୍ମ ଭାବିବା ଦ୍ୱାରା ମଣିଷର ହିସାବରେ ଧର୍ମ ଶାସ୍ତ୍ରବଦ୍ଧତା ହରାଇ ଭାବନା ହୋଇଯାଇଛି ।

କେତେକଙ୍କ ଭାବନାରେ ମଣିଷ ନୀତିବନ୍ତ ଜୀବନ ବଞ୍ଚିବା ହିଁ ଧର୍ମ ଭାବିଥାନ୍ତି । ଆଉ କେତେକ ଦାନଦେବା ହିଁ ଧର୍ମ ଭାବିଥାନ୍ତି, କେତେକ ଯଜ୍ଞ କରିବାକୁ ଧର୍ମ ଭାବିଥାନ୍ତି । କିଛିଲୋକ ନ୍ୟାୟ ଅନୁସାରେ ବଞ୍ଚିବା ହିଁ ଧର୍ମ ବୋଲି କହିଥାନ୍ତି । ଚୋର ଅନ୍ୟମାନଙ୍କର ଚୋରିକରିବା ହିଁ ଧର୍ମ ଭାବିଥାଏ । ବେପାରି ଅନ୍ୟଠାରୁ ଲାଭନେବା କିଛି ଭୁଲ୍ ନୁହେଁ ତାହା ହିଁ ବେପାରଧର୍ମ ଭାବିଥାଏ । କ୍ଷତ୍ରିୟ ଯୁଦ୍ଧ କରିବା ଭୁଲ୍ ନୁହେଁ, ଯୁଦ୍ଧରେ ଶତ୍ରୁକୁ ମାରିବା ଭୁଲ୍ ନୁହେଁ, ଏହା ହିଁ କ୍ଷତ୍ରିୟର ଧର୍ମ ଭାବିଥାଏ । ଏହିଭଳି ଯାହା ମଣିଷର ଅନୁକୂଳିତ ଭାବରେ ରହିଛି ତାହା ସ୍ୱଧର୍ମ ବୋଲି କହି, ଯାହା ଅନୁକୂଳିତ ଭାବରେ ନଥାଏ ତାହାକୁ ପରଧର୍ମ ଭାବିଥାଏ । ଅନେକ ତୁଣ୍ଡରୁ ଧର୍ମର ପରିଭାଷା ଅନେକ ବାହାରୁଥିବା ବେଳେ, ବାସ୍ତବ ଧର୍ମ କହିଲେ କଅଣ ତାହା ଅଜଣା ରହିଯାଇଛି । ଭବିଷ୍ୟତରେ ଧର୍ମ ବାବଦରେ ଏହିଭଳି ସମସ୍ୟା ଉତ୍ପନ୍ନ ହେବ ବୋଲି ଜାଣିଥିବା ଈଶ୍ୱର ସୃଷ୍ଟି ପ୍ରାରମ୍ଭରେ ଧର୍ମ ବାବଦରେ କହିଥିଲେ । ସେହି ଧର୍ମ ଆଜି ମଣିଷ ପାଖରେ ଗ୍ରନ୍ଥରୂପ ହୋଇ ରହିଥିଲେ ମଧ୍ୟ ମଣିଷ ତାହାକୁ ଶ୍ରଦ୍ଧାର ସହିତ ଜାଣିପାରୁ ନାହିଁ, ଦେଖିପାରୁ ନାହିଁ । କେହି ଦୈବଗ୍ରନ୍ଥ ପଢିଲେ ମଧ୍ୟ, ଶ୍ରଦ୍ଧାଲୋପ ଦ୍ୱାରା

ସେଥିରେ ଥିବା ଧର୍ମଗୁଡିକୁ ବୁଝିପାରୁ ନାହିଁ । ସାଧାରଣ ଲୋକମାନେ ବୁଝି ନପାରିଲେ ଆଶ୍ଚର୍ଯ୍ୟ ହେବା ଆବଶ୍ୟକ ନାହିଁ, କିନ୍ତୁ ଆମେ ସ୍ୱାମୀଜୀ, ଆମେ ବୋଧକ, ଆମେ ଆଧ୍ୟାତ୍ମିକବେତ୍ତା ବୋଲାଉଥିବା ଲୋକମାନେ ଦୈବଧର୍ମ (ଐଶ୍ୱରୀୟ ଧର୍ମ)କୁ ଛାଡି, ଧର୍ମ ହୋଇନଥିବା ଅଧର୍ମକୁ ଧର୍ମ କହି ବୋଧକରିବା ବଡ ଆଶ୍ଚର୍ଯ୍ୟ ଜନକ ବିଷୟ । ତାଛଡା ଦୈବଗ୍ରନ୍ଥରେ ମଣିଷର ହସ୍ତକ୍ଷେପ ରହିବା ଦ୍ୱାରା ଈଶ୍ୱର ଜଣାଇଥିବା ଧର୍ମରେ ଅଧର୍ମ ମିଶିଯାଇ ତାହା ଧର୍ମ ଭାବେ କୁହାଯାଉଛି । ଈଶ୍ୱର ଜଣାଇଥିବା ଧର୍ମଶାସ୍ତ୍ର ଛାଡି, ମଣିଷ କହିଥିବା, ମଣିଷ ନାଆଁରେ କୁହାଯାଉଥିବା ଧର୍ମ ଆଜି କୁହାଯାଉଛି ।

ଧର୍ମକୁ ପ୍ରଥମେ ଈଶ୍ୱର ଭୂପୃଷ୍ଠକୁ ଆସିବା ଭଳି କରିଥିଲେ । ଈଶ୍ୱରଙ୍କ ବ୍ୟତୀତ ଧର୍ମଶାସ୍ତ୍ର କୌଣସି ମାନବକୁ ଜଣା ନାହିଁ । ସେଥିଲାଗି ଈଶ୍ୱରଙ୍କୁ ହିଁ ଧର୍ମଶାସ୍ତ୍ର କହିବାକୁ ପଡିଥିଲା । ଏବେ ହେଉ କି କେବେ ହେଉ ଧର୍ମଶାସ୍ତ୍ରକୁ ଈଶ୍ୱରଙ୍କ ବ୍ୟତୀତ କୌଣସି ମାନବ କୌଣସି ସମୟରେ କହି ପାରିବ ନାହିଁ । ମଣିଷ ଯାହା କହିଥାଏ ତାହା ଧର୍ମଶାସ୍ତ୍ର ନୁହେଁ । ଈଶ୍ୱର କହିଥିବା ଧର୍ମଶାସ୍ତ୍ରକୁ ମଣିଷ ଶୁଣି, ଜାଣି କହିପାରିବ ସିନା, ସ୍ୱୟଂ କହିପାରିବ ନାହିଁ । ଆଉ ଏକ ବିଷୟ ହେଉଛି ଈଶ୍ୱର ଜଣାଉଥିବା ଧର୍ମ ସମ୍ପୂର୍ଣ୍ଣ ରୂପରେ ଥାଏ । ସେହି ଧର୍ମକୁ ଶୁଣି ଯଦି ମଣିଷ କହେ ତାହା ଅସମ୍ପୂର୍ଣ୍ଣ ହୋଇଯାଏ । ଚତୁର ଲୋକମାନେ ଏହି ଭିନ୍ନତାକୁ ଜାଣିପାରନ୍ତି । ଈଶ୍ୱରଙ୍କ ଦ୍ୱାରା କୁହାଯାଇଥିବା ଧର୍ମ ତେଜୋମୟ ହୋଇଥାଏ । ତାହାକୁ ମଣିଷ ଶୁଣିବା ପରେ କହିବା ଦ୍ୱାରା ତେଜହୀନ ହୋଇଯାଇଥାଏ । ଏହି ଭିନ୍ନତାକୁ ସମସ୍ତେ ଜାଣିପାରନ୍ତି ନାହିଁ । ଗତ ଚରିତରେ କେତେକ ପ୍ରବକ୍ତାଙ୍କ ନାମ ପାଖରେ ଧର୍ମଶାସ୍ତ୍ର ଲେଖାଯାଇଥିବା ଜଣାଯାଏ, ତଦ୍ଦ୍ୱାରା ଏହା ପ୍ରବକ୍ତାମାନେ ଲେଖିଥିବା ଧର୍ମଶାସ୍ତ୍ର ବୋଲି ଜାଣିହୋଇଯାଏ । ମଣିଷ ଲେଖିଥିବା ଧର୍ମଶାସ୍ତ୍ରକୁ ଆମେ ବିଶ୍ୱାସ ନକଲେ ମଧ୍ୟ ପ୍ରବକ୍ତାମାନେ ଲେଖିଥିବା ଧର୍ମଶାସ୍ତ୍ରକୁ କାହିଁକି ବିଶ୍ୱାସ କରିବା ନାହିଁ ବୋଲି କେତେକ ପଚାରିପାରନ୍ତି ।

ଈଶ୍ୱର କହିଥିବା ଧର୍ମକୁ ମଣିଷ କହିଲେ ମଧ୍ୟ, ସେଥିରେ ତ୍ରୁଟି ରହିଥାଏ । କାରଣ ! ଈଶ୍ୱର ଯାହା ଜଣାଇଥାନ୍ତି ମଣିଷ ତାହା ଉଚିତ ରୀତିରେ ବୁଝିପାରି ନଥାଏ । ଯାହା କହୁଛୁ ତାହା ଠିକ୍ ବୋଲି ଭାବିଲେ ମଧ୍ୟ, ମଣିଷର ଅଜାଣତରେ ଦୈବଧର୍ମରେ କିଛି ପରିବର୍ତ୍ତନ ଆସି ତାର ମୂଲ୍ୟ ରହିନଥାଏ । ଏହି ବିଷୟକୁ ଆପଣମାନେ ବୁଝିପାରିବା ପାଇଁ ଏକ ଉଦାହରଣ ଲେଖୁଛୁ ଦେଖନ୍ତୁ । ଜଣେ ଗୁରୁ ଈଶ୍ୱରଙ୍କ ଜ୍ଞାନ ବୋଧ କରିବାକୁ ସେବା ଭାବି ଜୀବନ ବଞ୍ଚୁଥିଲେ, ତାଙ୍କ ଉଦ୍ଦେଶ୍ୟରେ ଦୈବଜ୍ଞାନ ବୋଧ କରିବା ସେବା ହେଲେ ହେଁ, ଅନ୍ୟମାନଙ୍କଠାରୁ କୌଣସି ଲାଭ ଆଶା ନକରି ତାଙ୍କ କାର୍ଯ୍ୟ କରିଚାଲିଥିଲେ । ଦୈବଜ୍ଞାନର କେବେ ଅସମ୍ମାନ ନହେଉ, ତାହାକୁ ଲୋକେ ଉନ୍ନତ ସମ୍ମାନ ଦିଅନ୍ତୁ ବୋଲି ଯୁକ୍ତିଯୁକ୍ତ ବିଚାର କରି, ପାତ୍ର ଅପାତ୍ର ଦେଖି ଜ୍ଞାନଦାନ କରୁଥିଲେ । ଜ୍ଞାନର ମୂଲ୍ୟ ରହିବା ଭଳି କେବଳ ତାଙ୍କ ପାଖକୁ ଆସୁଥିବା ଲୋକମାନଙ୍କୁ ଜ୍ଞାନଦାନ କରୁଥିଲେ । ଆସୁଥିବା ସମସ୍ତଙ୍କ ଭିତରୁ ଜ୍ଞାନରେ ଉପଯୁକ୍ତ ଶ୍ରଦ୍ଧା ରଖୁଥିବା ଲୋକମାନଙ୍କୁ ହିଁ ଜ୍ଞାନବୋଧ କରୁଥିଲେ । ଯେଉଁଠି ଜ୍ଞାନ ଅଛି ଜ୍ଞାନ ଜାଣିବାକୁ ଇଚ୍ଛା କରୁଥିବା ଲୋକ ସେଠାକୁ ଆସିବା ଉଚିତ୍ ସିନା, ଜ୍ଞାନ ସେମାନଙ୍କ ପାଖକୁ ଯିବା ଉଚିତ୍ ନୁହେଁ ବୋଲି ସେ କୁଆଡେ ନଯାଇ ତାଙ୍କ ପାଖକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ହିଁ ପରିମିତ ସମୟରେ ଜ୍ଞାନ ବୋଧ କରୁଥିଲେ । ଏଭଳି ନକରି ଗୁରୁ ହିଁ ଜ୍ଞାନବୋଧ କରିବା ପାଇଁ ଶିଷ୍ୟମାନଙ୍କ ପାଖକୁ ଯିବା ଉଚିତ୍ ନୁହେଁ, ଏଭଳି କଲେ ଜ୍ଞାନର ମାନ ରହିବ ନାହିଁ, ଜ୍ଞାନକୁ କେହି ସମ୍ମାନ ଦେବେ ନାହିଁ ବୋଲି କହୁଥିଲେ ।

କୌଣସି ଏକ କାର୍ଯ୍ୟକଲେ ତାହା ସେବା ହୋଇପାରେ କିମ୍ବା ମଜୁରି ହୋଇପାରେ, ସେହି ଅନୁସାରେ ସେ କରୁଥିବା ବାଣୀବୋଧ କାର୍ଯ୍ୟ ମଜୁରି ପାଇଁ (କିଛି ଲାଭ ପାଇଁ) ନୁହେଁ । କୌଣସି ଲାଭ ନରହି ତାହା ସେବା ହେଉ ବୋଲି ଭାବି ସେ ବୋଧ କରୁଥିବା ବାଣୀର ପ୍ରତିଫଳ ରୂପରେ କିଛି ଧନ ମଧ୍ୟ ଆଶା କରୁ ନଥିଲେ । ଅନ୍ୟମାନେ ଯଦି ନିଜ

ଇଚ୍ଛାରେ ତାଙ୍କ ପାଇଁ କିଛି ଆଣି ଆସୁଥିଲେ ତାହା ଈଶ୍ୱରଙ୍କ କାର୍ଯ୍ୟରେ ଲାଗୁ ବୋଲି କହୁଥିଲେ । **ଆପଣ ଆମକୁ ଜ୍ଞାନବୋଧ କରୁଛନ୍ତି ସେଥିପାଇଁ ଆମେ କିଛି ଟଙ୍କାଦେବୁ କହିଲେ, ଗୁରୁ କହୁଥିଲେ ଯେ, ତୁମେମାନେ ଯେଉଁ ଟଙ୍କାଟିଏ ଦେବ ତାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଦୈବସେବାରେ ଲାଗିବା ଉଚିତ୍, ମଣିଷ ହୋଇଥିବା ମୋପାଇଁ ବ୍ୟବହାର ହେବା ଉଚିତ୍ ନୁହେଁ,** ତେଣୁ ସେ କାହାକୁ ମଧ୍ୟ ଟଙ୍କାଟିଏ ମାଗିନଥିଲେ । ଯଦି କିଏ ସ୍ୱେଚ୍ଛାରେ ଦେଉଥିଲେ ତାହା ଦୈବସେବା ହୋଇଥିବା ଜ୍ଞାନପ୍ରଚାରରେ ଲଗାଇ ଦେଉଥିଲେ । ଗୁରୁ ସେବା ବାବଦରେ ଆଉ ଏକ ମୁଖ୍ୟକଥା କହୁଥିଲେ ଯେ, ଶହେଟଙ୍କା ଖର୍ଚ୍ଚକରି ଈଶ୍ୱରଙ୍କ ପୂଜା କରିବା ଅପେକ୍ଷା, ଟଙ୍କାଟିଏ ଖର୍ଚ୍ଚ କରି ଈଶ୍ୱର ଜଣାଇଥିବା ଜ୍ଞାନ ପ୍ରଚାର କରିବା ଭଲ । **ତାଛଡା ମୁଁ ଈଶ୍ୱରଙ୍କ ପୂଜା କରିବାକୁ ଭଲପାଏନି, ତାଙ୍କ ସେବା କରିବାକୁ ଭଲପାଏ, ତେଣୁ ଦୈବଜ୍ଞାନକୁ ପ୍ରତ୍ୟକ୍ଷ ଭାବରେ ହେଉ, ପରୋକ୍ଷ ଭାବରେ ହେଉ ପ୍ରଚାର କରିବା କାର୍ଯ୍ୟରେ ଭାଗନେବା ଉଚିତ ବୋଲି କହୁଥିଲେ ।**

ଦୈବଜ୍ଞାନ ପ୍ରଚାରଠାରୁ ବଳି ଦୈବରାଧନା ନାହିଁ ବୋଲି କହୁଥାଇ, ତାହା ହିଁ ମଣିଷର ଆଚରଣୀୟ ଧର୍ମ ବୋଲି କହିବା ସହିତ, ନିଜେ ଜ୍ଞାନବୋଧକୁ ନିଜର ଧର୍ମ ଭାବି, ରାତିରେ ଘଣ୍ଟାଏ କିମ୍ବା ଦୁଇ ଘଣ୍ଟାରୁ ଅଧିକ ବିଶ୍ରାମ ନନେଇ, ଅଧିକ ସମୟ ଜ୍ଞାନ ରଚନା କରି, କିଛି ଗ୍ରନ୍ଥ ରୂପରେ କିଛି ବାଣୀ ରୂପରେ ଦୈବସେବା କରୁଥିଲେ । କେହି ଯଦି ସ୍ୱେଚ୍ଛାରେ କିଛି ଦେଉଥିଲେ ତାହା ସେ ତାଙ୍କୁ ନଦେଇ ଦୈବସେବା ପାଇଁ ରଖାଯାଇଥିବା ଦାନହୁଣ୍ଡିରେ ପକାଇଦିଅ ବୋଲି କହୁଥିଲେ, ପରେ ତାହା ଦୈବ କାର୍ଯ୍ୟରେ ବିନିଯୋଗ କରୁଥିଲେ । ଦୈବସେବାରେ ଯଦି କିଛି ଟଙ୍କା ନିଅଣ୍ଟ ପଡୁଥିଲା ତେବେ ସେ କାହାକୁ କିଛି ନକହି କରଜ କରି ଟଙ୍କା ଆଣୁଥିଲେ, ସେଥିପାଇଁ ସୁଧ ଦେଉଥିଲେ । ଏହିଭଳି ପଦ୍ଧତିବଦ୍ଧ ଭାବରେ

ମଣିଷକୁ ଦୈବଜ୍ଞାନ ବାବଦରେ ଜଣାଇବା ହିଁ ମୁଖ୍ୟଧର୍ମ ଭାବି, ଏହା ଧର୍ମବିରୁଦ୍ଧ ହୋଇନଯିବା ଭଳି ସର୍ବଦା ସତର୍କ ରହୁଥିଲେ, ତାଙ୍କୁ ଜଣା-ପଡିଥିବା ଦୈବଜ୍ଞାନକୁ ପ୍ରଚାର କରିବା ମଣିଷର ମୁଖ୍ୟଧର୍ମ ବୋଲି କହିବା ଦ୍ୱାରା, ତାଙ୍କ ପାଖକୁ ଆସୁଥିବା ଦୁଇଜଣ ଶିଷ୍ୟ ସେ କହୁଥିବା ଜ୍ଞାନକୁ ଅନ୍ୟମାନଙ୍କୁ କହି ଦୈବସେବା କରିବେ ଭାବି ଗୁରୁଙ୍କୁ ପଚାରି ଅନୁମତି ମାଗିଲେ, ସେମାନଙ୍କ କଥା ଶୁଣି ଗୁରୁ ଖୁବ୍ ଖୁସିହୋଇ ଜଣେ ଭକ୍ତ ଭାବରେ କିଏ ଯଦି ଦୈବସେବା କରିବାକୁ ଚାହେଁ, ତେବେ ଦୈବଜ୍ଞାନକୁ ପ୍ରଚାର କରିବା ଖୁବ୍ ଭଲ, ଏହାଠାରୁ ଆଉ ବଡସେବା କିଛି ନାହିଁ ବୋଲି କହି ଶିଷ୍ୟ ଦୁହିଁକୁ ଉତ୍ସାହିତ କରିଥିଲେ, ସେମାନଙ୍କ ଗୁରୁ ମଧ୍ୟ ଅନୁମତି ଦେବା ଦ୍ୱାରା, ସେମାନେ ଆନନ୍ଦରେ ଦୈବଜ୍ଞାନ ବୋଧ କରିବାକୁ ଲାଗିଲେ ।

ଏହିଭଳି ସେମାନେ ଜାଣିପାରିଥିବା ଦୈବଜ୍ଞାନ ବୋଧ କରିବାକୁ ଲାଗିଲେ, ହେଲେ ସେମାନେ ସେମାନଙ୍କ ଗୁରୁ କଥା ରୂପରେ କହିଥିବା ଜ୍ଞାନକୁ କଥାରେ ନକହି ପଦ୍ୟ ରୂପରେ, ଗୀତ ରୂପରେ କହିବା ଆରମ୍ଭ କଲେ । ଗୁରୁଙ୍କ ଦ୍ୱାରା ସେତେବେଳେ ତୁଣ୍ଡର କଥା ରୂପରେ କୁହାଯାଇଥିବା ଜ୍ଞାନ ଅପେକ୍ଷା ପଦ୍ୟ ରୂପରେ କହୁଥିବା ଜ୍ଞାନକୁ ପ୍ରଜାମାନେ ଶୁଣିବାକୁ ଭଲପାଇଲେ । ଗୁରୁଙ୍କ ଅପେକ୍ଷା ଶିଷ୍ୟମାନେ ଭଲ ଜ୍ଞାନ କହୁଛନ୍ତି ବୋଲି ପ୍ରଜାମାନେ ମଧ୍ୟ ଶିଷ୍ୟମାନଙ୍କର ଗୁଣଗାନ କରିବାକୁ ଲାଗିଲେ, ତଦ୍ୱାରା ଶିଷ୍ୟମାନେ ମଧ୍ୟ ଧିରେ ଧିରେ ଆମେ ଭଲ ଜ୍ଞାନ କହୁଛୁ ବୋଲି ଭାବନା କରୁକରୁ ସେମାନେ ମଧ୍ୟ ଆମେ ଯାହା କହୁଛୁ ତାହା ଗୁରୁଙ୍କ ଜ୍ଞାନ ବୋଲି ଭୁଲିଯାଇ ନିଜକୁ ମହାନ ଭାବିବାକୁ ଲାଗିଲେ, ଏଭଳି ସେମାନେ ପ୍ରଥମେ ଯାହା ବୋଧ କରୁଥିଲେ ତାହା ଗୁରୁଙ୍କ ପାଖରେ ଧର୍ମ ହୋଇ ରହିଥିଲେ ମଧ୍ୟ ଶିଷ୍ୟମାନଙ୍କ ପାଖରେ ଅଧର୍ମ ହେବାକୁ ଲାଗିଲା । ଦୁଇ ଶିଷ୍ୟ ଜ୍ଞାନବୋଧ କରିବା ଈଶ୍ୱରଙ୍କ ପାଇଁ ସେବାଧର୍ମ ବୋଲି ଭାବୁଥିଲେ ମଧ୍ୟ, ସେମାନଙ୍କ ଅଜାଣତରେ ଧର୍ମ ଅଧର୍ମରେ ପରିଣତ ହେବାକୁ ଲାଗିଲା ।

ଗୁରୁ ମହାଶୟ ଜ୍ଞାନରେ ମୂଲ୍ୟକୁ ଦେଇ କେବଳ ତାଙ୍କ ପାଖକୁ ଆସୁଥିବା ଲୋକମାନଙ୍କୁ ଜ୍ଞାନ କହୁଥିଲେ, କିନ୍ତୁ ଶିଷ୍ୟମାନେ ଜ୍ଞାନ ଶୁଣୁଥିବା ଲୋକମାନଙ୍କ ପାଖକୁ ଯାଇ ଜ୍ଞାନବୋଧ କଲେ । ବୋଧ କରିବା ସେବାଧର୍ମ ହେଲେ ମଧ୍ୟ ଶୁଣୁଥିବା ଲୋକମାନଙ୍କ ପାଇଁ ତାହା ଫେସନ ଭଳି ହୋଇଗଲା । ଯିବା ଆସିବା ଖର୍ଚ୍ଚ ସହିତ ନୂଆ ବସ୍ତ୍ର, ଦାନ ଦକ୍ଷୀଣା ଦେଇଦେଲେ ସେମାନେ ଆସି ଜ୍ଞାନ କହିବେ ବୋଲି ଲୋକମାନେ ଭାବି, ସମୟ ସନ୍ଦର୍ଭ ଦେଖି ଜ୍ଞାନ ଶୁଣିବା ପାଇଁ ଡାକିବାକୁ ଲାଗିଲେ । ସେତେବେଳେ ଶିଷ୍ୟମାନେ ମଧ୍ୟ ଜ୍ଞାନ କହିବା ଆମ ମୁଖ୍ୟଧର୍ମ ଭାବି ସେମାନଙ୍କ ପାଖକୁ ଯାଇ ଜ୍ଞାନ କହିଲେ । ଖର୍ଚ୍ଚ, ନୂଆ ବସ୍ତ୍ର, ଦକ୍ଷୀଣା ଏସବୁ ଆମକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଲୋକେ ଦେଉଛନ୍ତି ବୋଲି ଭାବିଲେ, ହେଲେ ଏକଥା ଗୁରୁଙ୍କୁ ଜଣାନଥିଲା । ଶିଷ୍ୟ ଦୁହେଁ ମଧ୍ୟ ଏ ବାବଦରେ ଗୁରୁଙ୍କୁ ନକହି ଲୁଚେଇ ରଖିଲେ । ଗୁରୁ ଯଦି ଜାଣିବେ ତେବେ ଜ୍ଞାନର ମୂଲ୍ୟ ରହିବ ନାହିଁ, ଜ୍ଞାନର ମାନ ହାନୀ ହେବ ବୋଲି ଗୁରୁ କହିବେ, ତେଣୁ ଗୁରୁଙ୍କୁ ଏକଥା ସେମାନେ କହୁନଥିଲେ । ଏହିଭଳି ଲାଭର ରୁଚି ରଖୁଥିବା ଶିଷ୍ୟ ଦୁହେଁ ଲୋକମାନଙ୍କ ପାଖକୁ ଯାଇ ଜ୍ଞାନ କହିବା କାର୍ଯ୍ୟରେ ଲାଗିପଡିଲେ ।

ଏମିତି କିଛିକାଳ ବିତିଯିବା ପରେ ଗୁରୁଙ୍କ ପାଖକୁ ଯାଇ ଜ୍ଞାନଶୁଣି ଆସୁଥିବା ଅନ୍ୟ ଶିଷ୍ୟମାନେ ଆଉ ଗୁରୁଙ୍କ ପାଖକୁ ନଯାଇ ଅଗ୍ର ଶିଷ୍ୟ ବୋଲାଉଥିବା ସେହି ଦୁଇ ଶିଷ୍ୟଙ୍କୁ ନିଜ ନିଜ ଗାଆଁକୁ ଡକାଇ ଜ୍ଞାନଶୁଣିବା ଆରମ୍ଭ କଲେ, ସେମାନେ ମଧ୍ୟ ଧିରେ ଧିରେ ଏମାନେ ଯାହା କହୁଛନ୍ତି ତାହା ଗୁରୁ କହିଥିବା ଜ୍ଞାନ ବୋଲି ଭୁଲିଯାଇ ଶିଷ୍ୟମାନେ କହୁଥିବା ଜ୍ଞାନ ବୋଲି ଭାବିବାକୁ ଲାଗିଲେ । ତେଣୁ ଗୁରୁଙ୍କ ଭଳି ଲୋକେ ସେମାନଙ୍କୁ ସମ୍ମାନ ଦେବା, ସେମାନଙ୍କ ଗୁଣଗାନ କରିବା ଆରମ୍ଭକଲେ । ଏସବୁକୁ ଲକ୍ଷ୍ୟକଲେ ଜ୍ଞାନବୋଧ କରିବା ସେବାଧର୍ମ ହେଲେ ମଧ୍ୟ, ତାହା ଉପରକୁ

ସେବା ଭଳି ଦେଖାଯାଇ, ଭିତରେ ଜ୍ଞାନ ବଦଳରେ ମଜୁରି ଆଣିବା ଭଳି ହୋଇଗଲା । କରୁଥିବା କାର୍ଯ୍ୟର ପ୍ରତିଫଳ ଆଶା କରିବା ସେବା ନୁହେଁ, ମଜୁରି ଆଣିବା ଭଳି ହୋଇଥାଏ ନଭାବି ଆମେ ଉଚିତ୍ ମାର୍ଗରେ ଅଛୁ ବୋଲି ସେମାନେ ଭ୍ରମିତ ହେବାକୁ ଲାଗିଲେ ।

ଜ୍ଞାନବୋଧ କରି ସେମାନେ ଭଲକାମ କରୁଥିଲେ ମଧ୍ୟ, ଏଥିପାଇଁ ଗୁରୁ ସେମାନଙ୍କୁ ଅନୁମତି ଦେଇଥିଲେ ମଧ୍ୟ, ଜ୍ଞାନବୋଧ କରିବା ସେବାର ମୁଖ୍ୟଧର୍ମ ହେଲେ ମଧ୍ୟ ଗୁରୁଙ୍କ ପାଖରେ ତାହା ଧର୍ମବଦ୍ଧ ଭାବରେ ଥିଲା, ହେଲେ ତାହା ଶିଷ୍ୟମାନଙ୍କ ପାଖକୁ ଆସିବାବେଳେ ଧର୍ମ ଆଉ ଧର୍ମ ହୋଇ ରହିଲା ନାହିଁ । ସେବାକାର୍ଯ୍ୟ ଶେଷରେ ମଜୁରୀରେ ପରିଣତ ହୋଇଗଲା । ଶିଷ୍ୟମାନେ ଆସି ଜ୍ଞାନ କହିଲେ ପ୍ରଜାମାନେ ତା ବଦଳରେ ସେମାନଙ୍କୁ କୌଣସି ମୂଲ୍ୟ ଦେବା ଉଚିତ୍ ବୋଲି ଭାବିଲେ । ଶେଷରେ ଶିଷ୍ୟମାନେ ମଧ୍ୟ ଜ୍ଞାନ ବଦଳରେ ଧନ ମାଗିବା ସ୍ଥିତିରେ ପହଞ୍ଚିଗଲେ । ଯଦି କେହି କିଛି ଦେଲେ ତାହା ଦୈବସେବାରେ ଲଗାଇବା ଉଚିତ୍ ବୋଲି ଗୁରୁଙ୍କ ସୂତ୍ରକୁ ଭୁଲିଯାଇ, ଶିଷ୍ୟମାନେ ଜ୍ଞାନ ବଦଳରେ ଲାଭ ଆଣି ନିଜେ ଅନୁଭବ କରିବା ଦ୍ୱାରା, ଜ୍ଞାନ ଗୁରୁଙ୍କ ପାଖରେ ଥିବାବେଳେ ଗୋଟିଏ ପ୍ରକାରର ରହି ଶିଷ୍ୟମାନଙ୍କ ପାଖରେ ଆଉ ଏକ ପ୍ରକାରର ରହିଲା । ଏହିଭଳି ଧର୍ମ ଗୁରୁଙ୍କ ପାଖରେ ଥିବା ଭଳି ଶିଷ୍ୟମାନଙ୍କ ପାଖରେ ନରହି ଅଲଗା ରହିଯାଏ ବୋଲି ଜଣାଯାଉଛି । ପ୍ରଥମେ ଈଶ୍ୱର ଜଣାଇବା ବେଳେ ଧର୍ମ ସମ୍ପୂର୍ଣ୍ଣ ଭାବରେ ଥିଲେ ମଧ୍ୟ, ତାହା ମଣିଷ ଜଣାଇବା ଦ୍ୱାରା ସେଥିରେ ଲୋପ ବା ତ୍ରୁଟି ଦେଖାଦିଏ । ତେଣୁ ଦୈବଜ୍ଞାନକୁ କେବଳ ଈଶ୍ୱର ହିଁ ଜଣାଇ ପାରନ୍ତି । ଈଶ୍ୱର ଜ୍ଞାନ ଜଣାଇବା ବେଳେ ତାହା ମୂଲ୍ୟବାନ ଏବଂ ସମ୍ପୂର୍ଣ୍ଣତା ନେଇ ରହିଥାଏ । ଈଶ୍ୱର କହିବା ପରେ ତାହା ମଣିଷ ଶିଖି କହିଲେ ତାହା ତ୍ରୁଟିପୂର୍ଣ୍ଣ ହୋଇ ମୂଲ୍ୟ ହରାଇଥାଏ । ମଣିଷ ଭିତରେ ରହି ମାୟା ହିଁ ଏଇଭଳି କାର୍ଯ୍ୟ କରାଇଥାଏ । କାରଣ ମାୟା ସମ୍ପୂର୍ଣ୍ଣ ଭକ୍ତି ପ୍ରଦର୍ଶନ ପୂର୍ବକ

ଈଶ୍ୱର ଦେଇଥିବା କାର୍ଯ୍ୟ କରିଥାଏ । ମଣିଷ ଭିତରେ ମାୟା ଏଭଳି କାର୍ଯ୍ୟ କରାଇବା ଦ୍ୱାରା ଭୂପୃଷ୍ଠରେ ଦୈବଧର୍ମକୁ ଈଶ୍ୱରଙ୍କ ବ୍ୟତୀତ ଆଉ କେହି ଜଣାଇପାରନ୍ତି ନାହିଁ, ତେଣୁ ଈଶ୍ୱରଙ୍କ ଧର୍ମର ମୂଲ୍ୟ ରହିବା ଭଳି ମାୟା କାର୍ଯ୍ୟ କରାଇଥାଏ ବୋଲି ଜଣାଯାଉଛି ।

ଉପର ଉଦାହରଣ ଅନୁସାରେ ଦୈବଧର୍ମ ବା ଐଶ୍ୱରୀୟ ଧର୍ମକୁ କେବଳ ଈଶ୍ୱର ଜଣାଇବେ ସିନା, କୌଣସି ମଣିଷ ଜଣାଇପାରିବ ନାହିଁ, ଯଦି ଜଣାଇବ ତାହା କିଛି ଅଧର୍ମରେ ପରିଣତ ହୋଇଯିବ ବୋଲି ସ୍ୱଷ୍ଟ ଜଣାଯାଉଛି । ସ୍ୱୟଂ ଈଶ୍ୱର ଭଗବାନ ରୂପରେ ଆସି ଭଗବଦ୍ଗୀତା ଜ୍ଞାନ ଜଣାଇଥିଲେ । ଈଶ୍ୱର ସ୍ୱୟଂ ଜଣାଇବା ଦ୍ୱାରା ସାରା ଭଗବଦ୍ଗୀତାରେ ଧର୍ମ ହିଁ ଧର୍ମ ରହିଛି, କିନ୍ତୁ ପରେ ତାହା ମଣିଷ ମୁଣ୍ଡକୁ ଚଢିଆସିବା ବେଳେ ମୂଲ୍ୟ କମିଯାଇ, ଈଶ୍ୱର ଜଣାଇଥିବା ଭଳି ନହୋଇ ଭିନ୍ନ ପ୍ରକାରର ହୋଇଯାଇଛି । ତେଣୁ ଭଗବଦ୍ଗୀତା ଆଜିପର୍ଯ୍ୟନ୍ତ ମଣିଷ ଦ୍ୱାରା ଏକାଭିପ୍ରାୟ ହୋଇପାରି ନାହିଁ । ଈଶ୍ୱର ଗୋଟିଏ ପ୍ରକାରର ଭାବରେ କହିଥିବା ସ୍ଥଳେ ମଣିଷ ତାହାକୁ ଅନେକ ପ୍ରକାର ଅର୍ଥ କରିଛି । ଏହି ଅନୁସାରେ ଈଶ୍ୱର ଯାହା କହିଛନ୍ତି ତାହା ଧର୍ମ ହେବ, ମଣିଷ ଯାହା କହିଛି ତାହା ଅଧର୍ମ ହେବ ବୋଲି ଧୈର୍ଯ୍ୟର ସହିତ କହିପାରିବା । ଯଦି ଧର୍ମ ଆଗରେ ମଣିଷର ନାଆଁ ରହେ ତେବେ, ତାହା କଦାପି ବାସ୍ତବ ଧର୍ମଶାସ୍ତ୍ର ହୋଇପାରିବ ନାହିଁ । ମନୁଧର୍ମଶାସ୍ତ୍ର, ମୋଶା ଧର୍ମଶାସ୍ତ୍ର, ୟୋଷୟା ଧର୍ମଶାସ୍ତ୍ର ନାମରେ କିଛି ଧର୍ମଶାସ୍ତ୍ର ଥାଏ ବୋଲି ଜଣାଯାଏ, କିନ୍ତୁ ଏହି ଗ୍ରନ୍ଥଗୁଡିକରେ ମଣିଷର ନାଆଁ ଥିବାରୁ ସୂତ୍ର ଅନୁସାରେ ତାହା ଧର୍ମଶାସ୍ତ୍ର ହୋଇପାରିବ ନାହିଁ । ଈଶ୍ୱରଙ୍କ ବ୍ୟତୀତ କୌଣସି ମଣିଷ ଧର୍ମଶାସ୍ତ୍ର କହିପାରିବ ନାହିଁ । ମଣିଷ କହିଥିବା ଶାସ୍ତ୍ର ଧର୍ମଶାସ୍ତ୍ର ନୁହେଁ ବୋଲି ଏଭଳି କହୁଥିବା ଆମ କଥାରେ କିଛିଲୋକ ଆଶ୍ଚର୍ଯ୍ୟର ସହିତ ମୋତେ କିଛି ପ୍ରଶ୍ନ କରିପାରନ୍ତି । ଏହିଭଳି କିଛି ପ୍ରଶ୍ନ ଆଉ ତାର ଉପଯୁକ୍ତ ସମାଧାନକୁ ନିମ୍ନମତେ ଦେଖନ୍ତୁ ।

**ପ୍ରଶ୍ନ:-** ବାଇବେଲ ଗ୍ରନ୍ଥରେ ମୋଶା ଧର୍ମଶାସ୍ତ୍ର, ଯୋଷେୟା ଧର୍ମଶାସ୍ତ୍ରକୁ ପ୍ରବକ୍ତା ମୋଶା ଏବଂ ଯୋଷେୟା ନାମକ ବ୍ୟକ୍ତିମାନେ ଲେଖିଛନ୍ତି ବୋଲି ଲେଖାଯାଇଛି, ସେଭଳି ମହାନ ପ୍ରବକ୍ତାମାନେ ଲେଖିଥିବା ଶାସ୍ତ୍ର କଣ ଧର୍ମଶାସ୍ତ୍ର ନୁହେଁ ।

**ଉତ୍ତର:-** ପ୍ରବକ୍ତା ମୋଶା ହୁଅନ୍ତୁ କି ପ୍ରବକ୍ତା ଯୋଷେୟା ହୁଅନ୍ତୁ ସେମାନେ ସାଧାରଣ ମଣିଷ ହୋଇଥିବାରୁ, ସେମାନେ ଲେଖିଥିବା ଶାସ୍ତ୍ର ଧର୍ମଶାସ୍ତ୍ର ନୁହେଁ ବୋଲି କହିପାରିବା । ଈଶ୍ୱରଙ୍କ ବ୍ୟତୀତ କୌଣସି ମଣିଷ ଧର୍ମଶାସ୍ତ୍ରକୁ କହିପାରିବ ନାହିଁ ।

**ପ୍ରଶ୍ନ:-** ପ୍ରବକ୍ତା ଯୀଶୁ କହିଥିବା ବାଇବେଲକୁ ଧର୍ମଶାସ୍ତ୍ର ବୋଲି ଆପଣ ଏକ ସନ୍ଦର୍ଭରେ କହିଥିଲେ, ସେ ମଧ୍ୟ ଜଣେ ମଣିଷ ! ତେବେ ଯାହା ଯୀଶୁ କହିଥିଲେ ତାହା କିପରି ଧର୍ମଶାସ୍ତ୍ର ହେଲା, ମୋଶା, ଯୋଷେୟା ଯାହା କହିଥିଲେ ତାହା କାହିଁକି ଧର୍ମଶାସ୍ତ୍ର ହେଲା ନାହିଁ ?

**ଉତ୍ତର:-** ଯୀଶୁ ଜଣେ ପ୍ରବକ୍ତା ହେଲେ ମଧ୍ୟ ସାଧାରଣ ମଣିଷ ନୁହନ୍ତି । ଯୀଶୁ ମଣିଷ ହୋଇ ଆସିଥିବା ଭଗବାନ, ସାକ୍ଷାତ୍ ଈଶ୍ୱରଙ୍କ ଅଂଶ । ତେଣୁ ଯାହା ଯୀଶୁ କହିଛନ୍ତି ତାହା ଧର୍ମଶାସ୍ତ୍ର ବୋଲି କହିଛୁ । ଜଣେ ପ୍ରବକ୍ତା ସାଧାରଣ ମଣିଷ ହୋଇପାରେ କିମ୍ବା ଭଗବାନ ହୋଇପାରେ, କିନ୍ତୁ ସମସ୍ତ ପ୍ରବକ୍ତା ଭଗବାନ ହୋଇପାରିବେ ନାହିଁ, ସେହିଭଳି ସମସ୍ତେ ସାଧାରଣ ମଣିଷ ନୁହନ୍ତି ।

**ପ୍ରଶ୍ନ:-** ଈଶ୍ୱରଙ୍କ ବିଷୟରେ ଯାହାକିଛି ଲେଖାଯାଇଛି ତାହା ଧର୍ମଶାସ୍ତ୍ର ହେବାବେଳେ, ଯୀଶୁଙ୍କୁ ଆପଣ ଭଗବାନ କହିବା ବେଳେ, ସେହି ଯୀଶୁ ମୋ ବାବଦରେ ମୋଶା ଲେଖିଛନ୍ତି ବୋଲି ବାଇବେଲରେ ଯୋହନଙ୍କ ଲିଖିତ ସୁସମାଚାରରେ, ପଞ୍ଚମ ଅଧ୍ୟାୟରେ ଥିବା ୪୬ତମ ବାକ୍ୟରେ କହିଛନ୍ତି । ଯାହା ଯୀଶୁଙ୍କ ବିଷୟରେ ଲେଖାଯାଇଥିଲା କଣ ତାହା ଧର୍ମଶାସ୍ତ୍ର ହେବ ନାହିଁ ?

**ଉତ୍ତର:-** ଯୀଶୁ ସ୍ୱୟଂ ପରମାତ୍ମା ଅଂଶ ଭଗବାନ ହେଲେ ମଧ୍ୟ ତାଙ୍କ ବାବଦରେ ମୋଶା ଲେଖିଥିଲେ ମଧ୍ୟ, ତାହା ଧର୍ମଶାସ୍ତ୍ର ନୁହେଁ । କାରଣ ! ମୋଶା ଯୀଶୁଙ୍କ ବିଷୟରେ ଲେଖିଥିଲେ ମଧ୍ୟ, ସେଥିରେ ଧର୍ମ ବିଷୟ ନଥିଲା, କେବଳ ଯୀଶୁଙ୍କ ଜୀବନ ଇତିହାସ ଥିଲା । ତେଣୁ ତାହାକୁ ଜ୍ୟୋତିଷ ଶାସ୍ତ୍ର କହିପାରିବା ସିନା, ଧର୍ମଶାସ୍ତ୍ର କହିପାରିବା ନାହିଁ । ଈଶ୍ୱରଙ୍କ ଧର୍ମ ରହିଥିବା ଗ୍ରନ୍ଥକୁ ଧର୍ମଶାସ୍ତ୍ର କିମ୍ବା ବ୍ରହ୍ମବିଦ୍ୟା ଶାସ୍ତ୍ର କହିପାରିବା । ଭୂପୃଷ୍ଠରେ ଛଅ ଗୋଟି ଶାସ୍ତ୍ର ରହିଥାଏ । ଛଅଗୋଟି ଶାସ୍ତ୍ର ଭିତରୁ ଯେଉଁ ଶାସ୍ତ୍ରଟି ସବୁଠାରୁ ବଡ ତାହାକୁ ବ୍ରହ୍ମବିଦ୍ୟା ଶାସ୍ତ୍ର ବା ଧର୍ମଶାସ୍ତ୍ର ନାମରେ କହୁଛୁ । ବ୍ରହ୍ମବିଦ୍ୟା ଅନ୍ୟ ପାଞ୍ଚଗୋଟି ଶାସ୍ତ୍ର ଯଥା- ଗଣିତ, ଖଗୋଳ, ରାସାୟନ, ଭୌତିକ, ଜ୍ୟୋତିଷ ନାମକ ଶାସ୍ତ୍ରଗୁଡିକ ଅପେକ୍ଷା ମହାନ । ମୋଶା ଯୀଶୁଙ୍କ ଭବିଷ୍ୟତ ଜୀବନରେ କଣ କଣ ଘଟିବ ତାହା କହିଥିଲେ । ତେଣୁ ତାକୁ ଜ୍ୟୋତିଷ ଶାସ୍ତ୍ର କହିହେବ ସିନା ଧର୍ମଶାସ୍ତ୍ର କହିହେବ ନାହିଁ । ଧର୍ମଶାସ୍ତ୍ରରେ ଈଶ୍ୱରଙ୍କ ବିଧିବିଧାନ ଥାଏ, ତାହା ମଣିଷ କହିପାରେ ନାହିଁ, କେବଳ ଈଶ୍ୱର କହନ୍ତି । ଯୀଶୁ ମଧ୍ୟ **"ଈଶ୍ୱର ଜଣାଇଥିବା ଧର୍ମଶାସ୍ତ୍ର ଅନୁସାରେ ମୁଁ ଚାଲିବାକୁ ଆସିଛି ସିନା ମଣିଷ କହିବା ଅନୁସାରେ ଚାଲିବା ପାଇଁ ଆସି ନାହିଁ"** କହିବା ଭଳି ମୋଶା କହିଥିବା ବିଷୟ ଧର୍ମଶାସ୍ତ୍ର ନୁହେଁ, ତାହା ମୋଶାଙ୍କୁ ଅନୁଗ୍ରହିତ ହୋଇନଥିଲା ବୋଲି ଯୋହନଙ୍କ ଲିଖିତ ସୁସମାଚାରରେ ଥିବା ଷଷ୍ଠତମ ଅଧ୍ୟାୟର ୩୨, ୩୩ ତମ ବାକ୍ୟରେ ସ୍ପଷ୍ଟ ଭାବରେ ରହିଛି । ( ଯୋହନ, ୩୨, ପବିତ୍ର ବାଇବେଲ, ଓଡିଆ)- **"ଯୀଶୁ କହିଲେ, ମୁଁ ତୁମ୍ଭଙ୍କୁ ସତ୍ୟ କହୁଛି, ସ୍ୱର୍ଗର ଖାଦ୍ୟ ତୁମ୍ଭ ଲୋକମାନଙ୍କୁ ଦେଇଥିବା ଲୋକ ମୋଶା ନୁହନ୍ତି । ମୋର ପରମପିତା ତୁମ୍ଭମାନଙ୍କୁ ସ୍ୱର୍ଗର ପ୍ରକୃତ ଖାଦ୍ୟ ଖାଇବାକୁ ଦିଅନ୍ତି । (୩୩)- ପରମେଶ୍ୱରଙ୍କର ଖାଦ୍ୟ କ'ଣ ? ପରମେଶ୍ୱରଙ୍କ ଖାଦ୍ୟ ହେଉଛି ଜଣେ ବ୍ୟକ୍ତି ଯିଏ ଜଗତକୁ ଜୀବନ ଦେବା ପାଇଁ ସ୍ୱର୍ଗରୁ ଓହ୍ଲାଇଛନ୍ତି ।"** ଏଠାରେ କୁହାଯାଇଥିବା ଏହି ବାକ୍ୟରେ କେତେକ ଶବ୍ଦର ଅର୍ଥକୁ ବୁଝିବା ଟିକିଏ କଷ୍ଟ ହୋଇପାରେ,

ତେଣୁ ତା ବାବଦରେ ସମ୍ପୂର୍ଣ୍ଣ ବିବରଣୀ ଜଣାଇବାକୁ ଇଚ୍ଛା କରିଛି । ସ୍ୱର୍ଗରୁ ଆସିଥିବା ଖାଦ୍ୟ କହିଲେ ଜ୍ଞାନ ରୂପରେ ଥିବା ଦୈବଧର୍ମ ବୋଲି ଜାଣିବା ଉଚିତ୍ । ତାହାକୁ ପୁଣି ପରମେଶ୍ୱରଙ୍କ ଖାଦ୍ୟ ବୋଲି କୁହାଯାଇଛି । ତେଣୁ ଏଠାରେ ଈଶ୍ୱରଙ୍କ ଧର୍ମ ବା ଦୈବଧର୍ମ ମୋଶା ତୁମମାନଙ୍କୁ ଦେଇ ନାହାନ୍ତି ବୋଲି ସ୍ପଷ୍ଟ ଭାବରେ ଲେଖାଯାଇଛି । ତେଣୁ ଯାହା ମୋଶା କହିଛନ୍ତି ତାହା ଧର୍ମଶାସ୍ତ୍ର ନୁହେଁ, ଏକଥା ସ୍ୱୟଂ ଯୀଶୁ କହିଛନ୍ତି ବୋଲି ଜଣାଯାଉଛି । ୩୩ତମ ବାକ୍ୟରେ ପରମେଶ୍ୱରଙ୍କ ଖାଦ୍ୟ ଜଗତକୁ ଜୀବନ ଦେବା ପାଇଁ ଆସିଥାଏ, ଅର୍ଥାତ୍ ତା ଦ୍ୱାରା ହିଁ ମଣିଷ ମୋକ୍ଷ ପାଇଥାଏ । ପରମେଶ୍ୱରଙ୍କ ଖାଦ୍ୟ ବା ସେ ଜଣାଇଥିବା ଧର୍ମ ଜଗତକୁ ଜୀବନ ଦିଏ ବୋଲି କହିବାରେ ଦୈବଧର୍ମ ଜାଣିବା ଦ୍ୱାରା ଜଗତବାସୀ ଶାଶ୍ୱତ ଭାବରେ ରହିଥିବା ମୋକ୍ଷ ପାଇଥାନ୍ତି ବୋଲି ବୁଝିବା ଉଚିତ୍ । ଏହି ଦୁଇ ବାକ୍ୟରୁ ଜଣାଯାଉଛି ଯେ, ମଣିଷକୁ ମୋକ୍ଷ ଦେଇପାରୁଥିବା ଧର୍ମକୁ ମୋଶା କହିନାହାନ୍ତି, ତାହା ଈଶ୍ୱର ବା ପରମେଶ୍ୱର କହିଛନ୍ତି । ଈଶ୍ୱର କହିଥିବା ଧର୍ମ ଦ୍ୱାରା ମଣିଷ ଶାଶ୍ୱତ, ଅବିନାଶୀ ହୋଇଥିବା ମୋକ୍ଷ ଲାଭ କରିପାରେ ବୋଲି କୁହାଯାଇଛି ।

ଉପର ବାକ୍ୟରେ ମୋଶା କହିଥିବା କଥା ଧର୍ମଶାସ୍ତ୍ର ନୁହେଁ ବୋଲି ପ୍ରମାଣ ମିଳୁଛି । ହେଲେ ଆଯିଯାଏଁ ସମସ୍ତେ "ଯାହା ମୋଶା କହିଛନ୍ତି ତାହା ଧର୍ମଶାସ୍ତ୍ର" କହିଲେ ମଧ୍ୟ ସତ୍ୟ ନୁହେଁ । ମୋଶା ଜ୍ୟୋତିଷଶାସ୍ତ୍ର କହିଥିଲେ । ଧର୍ମଶାସ୍ତ୍ରକୁ କେବଳ ଈଶ୍ୱର ବା ପରମେଶ୍ୱର କହିପାରନ୍ତି ବୋଲି ଜଣାଯାଉଛି ।

**ପ୍ରଶ୍ନଃ-** ପ୍ରବକ୍ତା ମୋଶା ହୁଅନ୍ତୁ, ସେ ମଣିଷ ହୋଇଥିବାରୁ ଯାହା କହିଛନ୍ତି ତାହା ଧର୍ମଶାସ୍ତ୍ର ନୁହେଁ ବୋଲି ଆପଣ କହୁଛନ୍ତି ! ଭଗବଦ୍ଗୀତା, ବାଇବେଲ ଭଗବାନ କହିଲେ ମଧ୍ୟ ତାହା ଶୁଣି ମଣିଷ ତ ଲେଖିଛି ! ! ମଣିଷ ଲେଖିଥିବା ସେହି ଗ୍ରନ୍ଥକୁ ଧର୍ମଗ୍ରନ୍ଥ କହୁଛେ, ଧର୍ମଗ୍ରନ୍ଥ ହିଁ ଧର୍ମଶାସ୍ତ୍ର! ତାହେଲେ ଏଠାରେ ମଣିଷ ଲେଖିଥିବା କଥା ଧର୍ମଶାସ୍ତ୍ର ହେଲା କେମିତି ? ସେଠାରେ ପ୍ରବକ୍ତା ମୋଶା ଯାହା ଲେଖିଲେ ତାହା ଧର୍ମଶାସ୍ତ୍ର ହେଲା ନାହିଁ କାହିଁକି ?

**ଉତ୍ତର:-** ଏକଥା ଆପଣ ଯୋହନଙ୍କ ଲିଖିତ ସୁସମାଚାରରେ ଷଷ୍ଠତମ ଅଧ୍ୟାୟରେ ଥିବା ୩୨, ୩୩ ତମ ବାକ୍ୟର ଉଦାହରଣ ଦେବା ଆଗରୁ ପଚାରି ପାରିଥାନ୍ତେ, ସେ ଦୁଇ ବାକ୍ୟକୁ କହିବା ପରେ ମୋଶା ଧର୍ମଶାସ୍ତ୍ର କହିନାହାନ୍ତି ବୋଲି ସ୍ୱୟଂ ଯୀଶୁ କହିବା କଥା ଦେଖିବା ପରେ କିପରି ପଚାରୁଛନ୍ତି ? ରାମାୟଣ ସାତକାଣ୍ଡ ସରିବା ପରେ ସୀତା ରାମଙ୍କର କଣ ହେବେ ? ପଚାରିବା ଭଳି ହେଉଛି ; ତଥାପି ଆମେ କଣ କହୁଛୁନା ! ସୀତା କଅଣ ତାହା ଅନ୍ୟମାନେ ନାନା ପ୍ରକାରର କହିପାରନ୍ତି ସିନା, ସେଥିରେ ସୀତା ରାମଙ୍କ ଭାର୍ଯ୍ୟା ବୋଲି ସ୍ୱୟଂ ରାମ କହିଥିବା ଭଳି, ଅନ୍ୟମାନେ ଯାହା ଲେଖାକୁ ଧର୍ମଶାସ୍ତ୍ର କହିଲେ କହନ୍ତୁ, କିନ୍ତୁ ସ୍ୱୟଂ ଈଶ୍ୱର ଯାହା କହନ୍ତି ତାହା ଧର୍ମଶାସ୍ତ୍ର ବୋଲି ଆମେ କହୁଛୁ । ଧର୍ମଶାସ୍ତ୍ର ଈଶ୍ୱରଙ୍କ ବ୍ୟତୀତ କୌଣସି ମାନବ କହିପାରିବ ନାହିଁ । ଈଶ୍ୱର କହିବା ପରେ ତାହା ମଣିଷ ଲେଖିଲେ ମଧ୍ୟ ଈଶ୍ୱର କହିବା ଭଳି ହୋଇଥାଏ, ମଣିଷ କହିବା ଭଳି ହୋଇନଥାଏ ।

**ପ୍ରଶ୍ନ:-** ହେଲେ ଦୈବଗ୍ରନ୍ଥ ହୋଇଥିବା ଧର୍ମଶାସ୍ତ୍ରରେ କିଛି କାଳୁଷ୍ୟ ମିଶି ରହିଛି ବୋଲି ଅତୀତରେ ତ ଆପଣ କହିଛନ୍ତି !

**ଉତ୍ତର:-** ହଁ ଅତୀତରେ କହିଥିଲି, ଏବେ ବି କହୁଛି । ପ୍ରଥମ ଦୈବଗ୍ରନ୍ଥ ହୋଇଥିବା ଭଗବଦ୍ଗୀତାରେ ଏଇକଥା ହିଁ ଲେଖିଛୁ ।

ପ୍ରଥମେ ଯେତେବେଳେ ଈଶ୍ୱର କହନ୍ତି ସେତେବେଳେ ତାହା ସ୍ୱଚ୍ଛ ହୋଇଥିଲେ ମଧ୍ୟ ମଣିଷର ହସ୍ତକ୍ଷେପ ଦ୍ୱାରା ତାହା କିଛି ମାଳିନ୍ୟ ପଡିଥାଏ ବୋଲି କହିଛୁ । ଖାଲି କହିଦେଇଛୁ ନୁହେଁ, ସେ ମାଳିନ୍ୟ କିପରି, କେଉଁଠି ଅଛି ଜଣାଇ, ତାହା ବହିର୍ଗତ କରି ସ୍ୱଚ୍ଛ ପରମ, ପବିତ୍ର, ପରିଶୁଦ୍ଧ ଗ୍ରନ୍ଥ ଭାବରେ ଭଗବଦ୍ଗୀତା ଲେଖି ଦେଖାଇଛୁ । ବାଇବେଲ, କୋରାନ ନାମରେ ଯାହା ଅଛି ତାହା ମଧ୍ୟ ଦୈବଗ୍ରନ୍ଥ ବା ଧର୍ମଶାସ୍ତ୍ର, ସେଗୁଡିକରେ ମଣିଷର

ହସ୍ତକ୍ଷେପ କେଉଁଠି କେଉଁଠି ରହିଛି ତାହା ମଧ୍ୟ ଅଙ୍ଗୁଳିନିର୍ଦ୍ଦେଶ କରି ପବିତ୍ର କରିବା ଚେଷ୍ଟାରେ ଅଛୁ ।

**ପ୍ରଶ୍ନ:-** ଈଶ୍ୱର ଯାହା କହିଛନ୍ତି ତାହା ଧର୍ମଶାସ୍ତ୍ର ବା ଦୈବଗ୍ରନ୍ଥ କହୁଛେ । ଈଶ୍ୱର ଯାହା କହନ୍ତି ତାହା ଧର୍ମଶାସ୍ତ୍ର, ତାହା କେବଳ ତାଙ୍କୁ ହିଁ ଜଣାଥାଏ ନାମକ ସୂତ୍ର ଅନୁସାରେ ସେହି ଗ୍ରନ୍ଥଗୁଡିକରେ ଥିବା ସତ୍ୟ ଅସତ୍ୟ କେବଳ ତାଙ୍କୁ ହିଁ ଜଣାଥାଏ ବୋଲି କହିପାରିବା । ଯଦି ଈଶ୍ୱର କହିବେ ଯେ, ଏହା ମୁଁ କହିନଥିବା ଜ୍ଞାନ, ଏହା ମଣିଷ କହିଛି, ଏହା ଧର୍ମ, ତାହା ଧର୍ମ ନୁହେଁ ତାହେଲେ ଗ୍ରନ୍ଥର କାଲୁଷ୍ୟକୁ ଆମେ ବାହାର କରିପାରିବା ସିନା, ଜଣେ ମଣିଷ ହୋଇଥିବା ଆପଣ ଏହା ଧର୍ମ, ତାହା ଧର୍ମ ନୁହେଁ କହି ଗ୍ରନ୍ଥରୁ କାଲୁଷ୍ୟକୁ କିପରି ବାହାର କରିପାରୁଛନ୍ତି ? ତାହା ଆପଣ କିପରି ଜାଣିଲେ ?

**ଉତ୍ତର:-** ଭଲ ପ୍ରଶ୍ନଟିଏ ପଚାରିଛନ୍ତି । ଏଇକଥାକୁ ହିଁ ଆମେ ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତାରେ ବିବରଣାତ୍ମକ ଲେଖିଛୁ । ପ୍ରଥମେ ଈଶ୍ୱର ତାଙ୍କ ଧର୍ମକୁ ତିନି ପ୍ରକାରରେ ଭୂପୃଷ୍ଠରେ ପ୍ରବେଶ କରାଇଛନ୍ତି, କିନ୍ତୁ ଏବେ ସେଥିରେ ଥିବା କଲୁଷତାକୁ  କାଢି ସ୍ୱଚ୍ଛ  କରୁଛନ୍ତି । ଜଣେ ମଣିଷର ଆତ୍ମା ମଣିଷ ଦ୍ୱାରା ଧର୍ମଶାସ୍ତ୍ରରେ ମିଶିଯାଇଥିବା କାଲୁଷ୍ୟକୁ ଦେଖାଇ, ଅନ୍ୟମାନଙ୍କୁ ତାଙ୍କ ଶାସ୍ତ୍ରରେ ଥିବା କାଲୁଷ୍ୟକୁ ବାହାର କରି ଦେଖାଇବା ଭଳି କରିଛନ୍ତି । **ଆକାଶବାଣୀ ଦ୍ୱାରା, ପରଦା ପଛରୁ ଗ୍ରହ ଦ୍ୱାରା, ମଣିଷ ହୋଇଥିବା ଭଗବାନଙ୍କ ଦ୍ୱାରା,** ଏଭଳି ତିନି ପଦ୍ଧତିରେ ତାଙ୍କ ଧର୍ମକୁ ଜଣାଇଥିବା ଈଶ୍ୱର, ମଣିଷର ଆତ୍ମା ହିଁ ମଣିଷ ଦ୍ୱାରା ଧର୍ମଶାସ୍ତ୍ରର କାଲୁଷ୍ୟକୁ ଚିହ୍ନାଇ, ବହିର୍ଗତ କରି ମଣିଷକୁ ସ୍ୱଚ୍ଛ ଜ୍ଞାନ (ଧର୍ମ) ଜଣାଇବା ନାମକ ଏକ ସ୍ୱତନ୍ତ୍ର ପଦ୍ଧତି ମଧ୍ୟ କାର୍ଯ୍ୟକାରୀ କରାଇଥାନ୍ତି । ଈଶ୍ୱର ତିନି ପଦ୍ଧତିରେ ଧର୍ମକୁ ଶାସ୍ତ୍ର ଭାବରେ ବୋଧକରି, ସେଥିରେ ଥିବା କାଲୁଷ୍ୟକୁ ଦୂର କରିବା ନାମକ ଆଉ ଏକ ପଦ୍ଧତି (ପ୍ରଣାଳୀ) ମଧ୍ୟ ରଖିଛନ୍ତି । ଏଭଳି

ମୋଟ ଚାରିଗୋଟି ପଦ୍ଧତି ଭିତରୁ ତିନି ପଦ୍ଧତିରେ ବୋଧ କରିବା, ଚତୁର୍ଥ ପଦ୍ଧତିରେ ସେଗୁଡିକୁ ଶୁଦ୍ଧ କରିବା ହୋଇଥାଏ । ଗୋଟିଏ ଘର କରିବା ପରେ ଶେଷରେ ଘରକୁ ପରିଷ୍କାର କରିବା ମଧ୍ୟ ଘରମାଲିକର କର୍ତ୍ତବ୍ୟ ହୋଇଥାଏ । ସେହିଭଳି ଧର୍ମଶାସ୍ତ୍ର ନାମକ ଘର ତିଆରି କରିଥିବା ଈଶ୍ୱର ସେ ଘରେ ପଡିଯାଇଥିବା ମଇଳାକୁ ମଧ୍ୟ ସଫାକରିବା କର୍ତ୍ତବ୍ୟ କରିଛନ୍ତି । ତେଣୁ ତିନି ପ୍ରଣାଳୀରେ ତାଙ୍କ ଧର୍ମ ସ୍ଥାପନ କରିଥିବା ଈଶ୍ୱର ଆଉ ଏକ ପ୍ରଣାଳୀରେ ତାଙ୍କ ଧର୍ମରୁ କାଳୁଷ୍ୟକୁ ଦୂର କରୁଛନ୍ତି । ଏହି କାର୍ଯ୍ୟ କୌଣସି ଏକ ମନୁଷ୍ୟ ଦ୍ୱାରା ହିଁ କରାଇବେ । ଏବେ ତାହା ହିଁ କରୁଛନ୍ତି ବୋଲି କାହିଁକି ଭାବୁନାହାନ୍ତି ?

**ପ୍ରଶ୍ନ:-** ଆପଣଙ୍କ କଥା ଅନୁସାରେ ତିନି ପଦ୍ଧତି ଭିତରୁ ଶେଷ ପଦ୍ଧତିରେ ଧର୍ମକୁ ଭଗବାନଙ୍କ ଦ୍ୱାରା କୁହାଇଛନ୍ତି । କୁହାଯାଇଥିବା ଧର୍ମର କାଳୁଷ୍ୟକୁ ଜଣେ ମଣିଷ ଦୂର କରିବ ? କି ମଣିଷ ଭଳି ହୋଇଥିବା ଭଗବାନ ଦୂର କରିବେ ?

**ଉତ୍ତର:-** ମଣିଷ ଭଳି ଥିବା ଭଗବାନ କହିଲେ, ଭଗବାନ ଦୁଇ ପ୍ରକାରର କାର୍ଯ୍ୟ କରିବା ଭଳି ହୁଏ । ସେତେବେଳେ ଈଶ୍ୱର କହିଥିବା କଥାର ବିରୁଦ୍ଧ ଭାବରେ ତୃତୀୟ ପଦ୍ଧତି ନହୋଇ ଚତୁର୍ଥ ପଦ୍ଧତି ନାମକ ଏକ ସ୍ୱତନ୍ତ୍ର ପଦ୍ଧତି ହୋଇଯାଏ, କିନ୍ତୁ ତା ନହୋଇ ଭଗବାନ ତୃତୀୟ ପଦ୍ଧତି ଅନୁସାରେ ଜ୍ଞାନ କହିଥିବା ସ୍ଥଳେ, ଚତୁର୍ଥ ପଦ୍ଧତିରେ ଏକ ମଣିଷର ଆତ୍ମା ଦ୍ୱାରା ଶୁଦ୍ଧିକାର୍ଯ୍ୟ କରାଉଛନ୍ତି ବୋଲି ଆମେ କହୁଛୁ । ତୃତୀୟ ପଦ୍ଧତିରେ ପରମାତ୍ମା (ଈଶ୍ୱର) ହିଁ ଆତ୍ମା ଭଳି କାର୍ଯ୍ୟ କରିଥାନ୍ତି, କିନ୍ତୁ ଚତୁର୍ଥ ପଦ୍ଧତିରେ ଆତ୍ମା ହିଁ ପରମାତ୍ମାଙ୍କ ଭଳି କାର୍ଯ୍ୟ କରିଥାନ୍ତି । ଆତ୍ମା, ପରମାତ୍ମା ଉଭୟ ଶରୀର ଭିତରେ ଥାଆନ୍ତି । ତେଣୁ କେଉଁଠି ପରମାତ୍ମା ଆତ୍ମା ଭଳି କହୁଛନ୍ତି, କେଉଁଠି ଆତ୍ମା ପରମାତ୍ମାଙ୍କ ଭଳି କହୁଛନ୍ତି ? କିଏ ତୃତୀୟ ପଦ୍ଧତି କହୁଛି, କିଏ ଚତୁର୍ଥ ପଦ୍ଧତି କହୁଛି ? କିଏ ଭଗବାନ

ହୋଇଥିବା ମଣିଷ, କିଏ ମଣିଷ ହୋଇଥିବା ଭଗବାନ କେହି ବୁଝିପାରନ୍ତି ନାହିଁ ।

**ପ୍ରଶ୍ନଃ-** ତାହେଲେ କଣ ଚତୁର୍ଥ ପଦ୍ଧତିକୁ ମଣିଷ କହେ, କି ଭଗବାନ କହନ୍ତି ? ଆପଣଙ୍କ କଥା ମୁଁ କିଛି ଭଲରେ ବୁଝିପାରିଲି ନାହିଁ । ସତ କଥା କହନ୍ତୁ ?

**ଉତ୍ତରଃ-** ପ୍ରଥମେ ଭୂପୃଷ୍ଠରେ କେଉଁଠି ତୃତୀୟ ପଦ୍ଧତିରେ ଜ୍ଞାନବୋଧ ହେଉଛି, କେଉଁଠି ଚତୁର୍ଥ ପଦ୍ଧତିରେ ଧର୍ମକାଳୁଷ୍ୟର ଶୁଦ୍ଧିକାର୍ଯ୍ୟ ହେଉଛି କହନ୍ତୁ, ସେତେବେଳେ ସେଠି କିଏ କେଉଁ କାର୍ଯ୍ୟ କରୁଛନ୍ତି ମୁଁ ଦେଖିବା ପରେ କହିପାରିବି ।

**ପ୍ରଶ୍ନଃ-** ଭଗବଦ୍ଗୀତାରେ ଧର୍ମରେ କାଳୁଷ୍ୟ (ଗ୍ଲାନି) ଆସିବାବେଳେ ମୁଁ ଆସି ପୁଣି ଧର୍ମ କଅଣ ଜଣାଇଥାଏ ବୋଲି ଅଛି । ସେଠାରେ ଧର୍ମକୁ ନୂଆ କରି କହିବାପାଇଁ ଆସନ୍ତି କି ଆଗରୁ ଥିବା ଧର୍ମର ଗ୍ଲାନି ଦୂର କରିବାପାଇଁ ଆସନ୍ତି ?

**ଉତ୍ତରଃ-** ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତାର ଜ୍ଞାନଯୋଗରେ ଥିବା ନବମ ଶ୍ଳୋକରେ **"ମୁଁ କେଉଁଠାରେ ଜନ୍ମହୁଏ, କ'ଣ କରେ ତାହା ଜାଣି ମୋ କାର୍ଯ୍ୟ କରିପାରୁଥିବା ମଣିଷ ମୃତ୍ୟୁବରଣ କରିବା ପରେ ଆଉ ଜନ୍ମହୁଏ ନାହିଁ, ତାର ମୋକ୍ଷ ହୋଇଯାଏ"** ବୋଲି କହିଛନ୍ତି ।

**ଶ୍ଳୋ ।।** **ଜନ୍ମ କର୍ମ ଚ ମେ ଦିବ୍ୟମ୍ ଏବଂ ଯେ ବେତ୍ତି ତତ୍ତ୍ୱତଃ ।**
**ତ୍ୟକ୍ତ୍ୱା ଦେହଂ ପୂନର୍ଜନ୍ମ ନୈତି ମାମେତି ସୋର୍ଜୁନ ! ।।**

ଏହି ଶ୍ଳୋକକୁ ଅନୁଧ୍ୟାନ କଲେ ଆମେ ଉପନୀତ ହେବା ଯେ, ପ୍ରଥମ ପଦ୍ଧତି ଆକାଶବାଣୀକୁ ହେଉ, ଦ୍ୱିତୀୟ ପଦ୍ଧତି ଗ୍ରହ ଦ୍ୱାରା ଜଣାଇବା କାର୍ଯ୍ୟକୁ ଦେଖି ଗ୍ରହକୁ ହେଉ ଜାଣିହେବ ସିନା, ତୃତୀୟ ପଦ୍ଧତି କିମ୍ବା

ଚତୁର୍ଥ ପଦ୍ଧତି ଭିତରୁ କେଉଁଟି କେଉଁ ପଦ୍ଧତି କହିପାରିବା ନାହିଁ । ତେଣୁ ଈଶ୍ୱର ମଧ୍ୟ ତୃତୀୟ ପଦ୍ଧତି ପର୍ଯ୍ୟନ୍ତ କହି ଆଉ ଏକ ପଦ୍ଧତି ବାବଦରେ ନକହି ଛାଡିଦେଇଛନ୍ତି ।

**ପ୍ରଶ୍ନ:-** ତୃତୀୟ ପଦ୍ଧତି ପର୍ଯ୍ୟନ୍ତ କହି ଈଶ୍ୱର ଛାଡିଦେଇଥିବା ବେଳେ, ଚତୁର୍ଥ ପଦ୍ଧତି ଅଛି ବୋଲି ଆପଣ କିପରି କହୁଛନ୍ତି ?

**ଉତ୍ତର:-** ଚତୁର୍ଥ ପଦ୍ଧତିକୁ କୌଣସି ମଣିଷ ଜାଣିପାରିବ ନାହିଁ, କି କହି ପାରିବ ନାହିଁ ବୋଲି ଆଗରୁ କହିଛି । ତେଣୁ ଚତୁର୍ଥ ପଦ୍ଧତି ବିଷୟରେ ମୋତେ ମଧ୍ୟ ଜଣା ନାହିଁ । ହେଲେ ମୋ ଭିତରେ ରହିଥିବା ଆତ୍ମାକୁ ଜଣା ଅଛି । ତେଣୁ ପରମାତ୍ମା ଶରୀରର ଅଧିପତି ବା ଈଶ୍ୱର ହୋଇଥିବା ଆତ୍ମା ଦ୍ୱାରା କୁହାଇଛନ୍ତି । ଆତ୍ମା କହିପାରେ ସିନା, ଜୀବାତ୍ମା ହୋଇଥିବା ମୋତେ କିଛି ଜଣା ନାହିଁ ବୋଲି କହୁଛି ।

**ପ୍ରଶ୍ନ:-** ଆପଣଙ୍କୁ ଅଜଣା ରହି ଆପଣଙ୍କ ଆତ୍ମାକୁ କିପରି ଜଣାପଡିଲା ?

**ଉତ୍ତର:-** ମୁଁ ଆଗରୁ ପରା କହିଛି ! ପରମାତ୍ମାଙ୍କ ସହିତ ମୋର କୌଣସି ସମ୍ବନ୍ଧ ନାହିଁ । ପରମାତ୍ମାଙ୍କ ସହିତ ଆତ୍ମା ସମ୍ବନ୍ଧୀତ । ତେଣୁ ପରମାତ୍ମା ଜଣାଇଥିବା ବିଷୟକୁ ଆତ୍ମା ମୋ ଶରୀର ଦ୍ୱାରା କୁହାଉଛନ୍ତି । ତେଣୁ ମୁଁ ଜାଣିଥିବା ଭଳି କି କହୁଥିବା ଭଳି କିପରି ହେବ !

**ପ୍ରଶ୍ନ:-** ଓଃ ! ମୁଁ ପାଗଳ ହୋଇଯିବି ! ଆପଣ କଣ କହୁଛନ୍ତି ମୁଁ କିଛି ବୁଝି..ପାରୁନି !!

**ଉତ୍ତର:-** ମୋତେ ବୁଝାପଡିନି ବୋଲି ମୁଁ କହୁଛି । ଏକଥା କେହି ବୁଝି ନପାରନ୍ତୁ ବୋଲି ଈଶ୍ୱର ଏଭଳି କହିଛନ୍ତି ।

**ପ୍ରଶ୍ନ:-** କେହି ବୁଝିନପାରନ୍ତୁ ବୋଲି ଈଶ୍ୱର କାହିଁକି ଭାବିଛନ୍ତି ?

**ଉତ୍ତର:-** ତାଙ୍କ ଜନ୍ମ ବାବଦରେ ହେଉ, କି ତାଙ୍କ କାର୍ଯ୍ୟ ବାବଦରେ

ହେଉ ଯଦି କିଏ ସହଜରେ ଜାଣିଗଲା ତେବେ ତାର ତ ମୋକ୍ଷ ସହଜରେ ହୋଇଯିବ । କେତେ ଜ୍ଞାନ ଜାଣିବାକୁ ପଡୁଛି, କେତେ ଯୋଗ ଆଚରଣ କରିବାକୁ ପଡୁଛି; ତଥାପି ମୋକ୍ଷକୁ କେହି ସହଜରେ ପାଆନ୍ତି ନାହିଁ । ତେଣୁ ମଣିଷ ସହଜରେ ମୋକ୍ଷ ପାଇଯାଉ ବୋଲି ଈଶ୍ୱର ଚାହାନ୍ତି ନାହିଁ, ତାଙ୍କୁ, ତାଙ୍କ ଜନ୍ମକୁ, ତାଙ୍କ କାର୍ଯ୍ୟକୁ ମଣିଷ ଜ୍ଞାନ ଦ୍ୱାରା ଜାଣି ଯୋଗ ଆଚରଣ କରି ଜାଣିବା ଉଚିତ୍ । ସହଜରେ କେହି ଜାଣିନପାରନ୍ତୁ ବୋଲି ଈଶ୍ୱର ଭୂପୃଷ୍ଠରେ ତାଙ୍କ ତୃତୀୟ ପଦ୍ଧତି କିମ୍ବା ଚତୁର୍ଥ ପଦ୍ଧତିକୁ କେହି ଜାଣି ନପାରିବା ଭଳି କରିଛନ୍ତି ।

**ପ୍ରଶ୍ନ:-** ଅନ୍ତିମ ଦୈବଗ୍ରନ୍ଥ କୋରାନରେ ଥିବା ୪୨ତମ ସୁରାର ୫୧ତମ ଆୟତରେ ଈଶ୍ୱର ତିନି ପଦ୍ଧତିରେ ତାଙ୍କ ଧର୍ମକୁ ଜ୍ଞାନ ରୂପରେ ଜଣାଇଥାନ୍ତି ବୋଲି ପ୍ରକଟିତ କରିଛନ୍ତି । ତେଣୁ ତାହା ବ୍ରହ୍ମବିଦ୍ୟା ଶାସ୍ତ୍ର ଅନୁସାରେ କହିଛନ୍ତି ବୋଲି ଜଣାଯାଉଛି । ହେଲେ ଆପଣ କହୁଥିବା ଚତୁର୍ଥ ପଦ୍ଧତିର କଣ ଶାସ୍ତ୍ରବଦ୍ଧତା ଅଛି ? ଦୈବଗ୍ରନ୍ଥ ଗୁଡିକରେ କଣ ଈଶ୍ୱର ଏହି ଚତୁର୍ଥ ପଦ୍ଧତି ବାବଦରେ କେଉଁଠି କହିଛନ୍ତି ?

**ଉତ୍ତର:-** କାହିଁକି କହିନାହାନ୍ତି ? ଶାସ୍ତ୍ରବଦ୍ଧତା ନଥାଇ ତାଙ୍କର କୌଣସି ପଦ୍ଧତି ନାହିଁ । ଗୀତାର ଜ୍ଞାନଯୋଗରେ ଥିବା ସପ୍ତମ ଶ୍ଳୋକକୁ ଦେଖନ୍ତୁ ।

**ଶ୍ଳୋ ॥ ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ॥**
**ଅଭ୍ୟୁତ୍ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥**

ଏହି ଶ୍ଳୋକର ଭାବ ହେଉଛି ! **"ଆଗରୁ କହିଥିବା ଧର୍ମରେ ଗ୍ଲାନି ନାମକ କିଛି କାଳୁଷ୍ୟ ସୃଷ୍ଟି ହୋଇଥିବା ବେଳେ ମୁଁ ଜନ୍ମହୋଇ (ମଣିଷ ହୋଇ) ଅଧର୍ମ ଭାବରେ ଥିବା ସେହି କାଳୁଷ୍ୟକୁ ବାହାର କରି, ଧର୍ମର ଅବରୋଧ ନରହିବା ଭଳି ତେଜୋବନ୍ତ କରିବି''** ବୋଲି କହିବାବେଳେ, ଥିବା ଧର୍ମରେ ସୃଷ୍ଟି ହୋଇଥିବା ଗ୍ଲାନିକୁ ଦୂରକରି

ସ୍ୱଚ୍ଛ କରିବା ଭଳି ହୋଇଥାଏ । ତେଣୁ ଏହି ଶ୍ଳୋକରେ ଚତୁର୍ଥ ପଦ୍ଧତିର ଆଧାର ମିଳୁଛି ।

**ପ୍ରଶ୍ନଃ-** ଯଦି ଏ ଶ୍ଳୋକ ଚତୁର୍ଥ ପଦ୍ଧତିର ତେବେ ତୃତୀୟ ପଦ୍ଧତିର ଆଧାର ନଥିବା ଭଳି ହେଉଛି ! ଏପର୍ଯ୍ୟନ୍ତ ଈଶ୍ୱର ଆସି ଭୂପୃଷ୍ଠରେ ଜ୍ଞାନ କହନ୍ତି ବୋଲି ଏହି ଶ୍ଳୋକକୁ ଆଧାର ବୋଲି ଭାବୁଥିଲି । ଏବେ ତୃତୀୟ ପଦ୍ଧତିର ଶାସ୍ତ୍ରାଧାର କଣ ଅଛି ?

**ଉତ୍ତରଃ-** ଥିବା ଧର୍ମରେ କାଲୁଷ୍ୟ ସୃଷ୍ଟିହେଲେ ଗ୍ଲାନି ନାମକ ସେହି କାଲୁଷ୍ୟକୁ କାଢିବା ପାଇଁ ଆସେ ବୋଲି ଆଧାର ଦେଖାଇ ଜ୍ଞାନଯୋଗର ସପ୍ତମ ଶ୍ଳୋକରେ କହିଛନ୍ତି । ସମ୍ପୂର୍ଣ୍ଣ ଅଜଣା ରହିଯାଇଥିବା ଧର୍ମକୁ ପୁଣି ଜଣାଇବା ପାଇଁ ଧର୍ମର ସଂସ୍ଥାପନ କରିବା ନିମନ୍ତେ ମୁଁ ଆସେ ବୋଲି ଜ୍ଞାନଯୋଗର ଅଷ୍ଟମ ଶ୍ଳୋକରେ କହୁଛନ୍ତି ଦେଖନ୍ତୁ ।

ଶରୀରରେ ଗ୍ଲାନି ଦେଖାଦେଇଥାଏ । ଶରୀର ଦ୍ୱାରା କାର୍ଯ୍ୟ ହେବାବେଳେ ଶରୀରରେ ତିଆରି ହେଉଥିବା କାଲୁଷ୍ୟ ଦ୍ୱାରା ଶରୀର ଦୁର୍ବଳ ହୋଇଥାଏ, ତାହାକୁ ଶରୀରରେ ଗ୍ଲାନି ଆସିଲା ବୋଲି କହୁଛେ । ଅର୍ଥାତ୍ ଶରୀରରେ ଥିବା ବଳ କିଛି କମିଗଲେ ଆମେ ଶରୀରରେ ଗ୍ଲାନି ଆସିଲା ବୋଲି କହୁଛେ । ଶରୀରର ଗ୍ଲାନି ଝାଳ ରୂପରେ, ମୂତ୍ର ରୂପରେ, ଶ୍ୱାସ ରୂପରେ ବାହାରକୁ ଯାଇଥାଏ । ଥିବା ବଳ ଏଭଳି ଗ୍ଲାନି ଦ୍ୱାରା କିଛି କମିଗଲେ ମଧ୍ୟ, ଟିକିଏ ବିଶ୍ରାମ ନେଇଗଲେ ଶରୀରରେ ପୁନଃ ବଳ ଚାଲିଆସେ । ସେହିଭଳି ରହିଥିବା ଧର୍ମରେ ମଣିଷର ହସ୍ତକ୍ଷେପ ନାମକ ଗ୍ଲାନି ଦ୍ୱାରା ଟିକିଏ ବଳହୀନତା ଆସିଯାଇଥିଲେ ମଧ୍ୟ, ଟିକିଏ ବିଶ୍ରାମ ନେବା ଦ୍ୱାରା ଅର୍ଥାତ୍ ଜ୍ଞାନବୋଧ ନାମକ ବିଶ୍ରାମ ଦ୍ୱାରା, ବଳହୀନତା ନାମକ ଧର୍ମର ଗ୍ଲାନି ଦୂର ହୋଇଯାଇଥାଏ । ଥିବା ବଳରୁ କିଛି କମିଯିବାକୁ ଗ୍ଲାନି ନାମକ ଶବ୍ଦରେ କହିଛନ୍ତି । ସମ୍ପୂର୍ଣ୍ଣ ନିଖୋଜ ହୋଇ ନଯାଇ କିଛି

କମିଯିବାକୁ ହିଁ ଗ୍ଲାନି ନାମକ ଶବ୍ଦର ବ୍ୟବହାର କରି କହିଥାନ୍ତି ବୋଲି ଜାଣିବା ଉଚିତ୍ ।

**ସ୍ଥାପନ କରିବା କହିଲେ ଯାହା ନାହିଁ ତାହା ଉଦ୍‌ଘାଟନ କରିବା ବା ଯାହା ନାହିଁ ତାହା ନିର୍ମାଣ କରିବା ।** ବାହାରେ ରାଜନୈତିକ ଦଳ ଦଶଗୋଟି ଅଛନ୍ତି ବୋଲି ଭାବନ୍ତୁ । ତା ଭିତରେ ନଥିବା ଆଉ ଏକ ରାଜନୈତିକ ଦଳ ତିଆରି ହୋଇ ପ୍ରବେଶ କଲେ ମୋଟ ଏଗାରଗୋଟି ଦଳ ହୋଇଥାଏ । ସେତେବେଳେ ସେ ଦଳକୁ ଯିଏ ନୂଆକରି ତିଆରି କଲା ତାକୁ ଆମେ ଦଳର ସ୍ଥାପକ କିମ୍ବା ସ୍ଥାପନାକାରୀ ବୋଲି କହୁଛେ । ଏଠାରେ  ସ୍ଥାପନ କହିଲେ ଯାହା ନଥିଲା ତାହା ନୂଆ ତିଆରି ହେଲା । ଅଷ୍ଟମ ଶ୍ଳୋକରେ ଧର୍ମ ସଂସ୍ଥାପନା ନାମକ ପଦକୁ ବ୍ୟବହାର କରିଛନ୍ତି, ତେଣୁ ନଥିବା ଧର୍ମକୁ ଏଠାରେ ସୃଷ୍ଟି କରିଛନ୍ତି ବୋଲି ବୁଝିହେଉଛି । ଏହି ଅନୁସାରେ ସପ୍ତମ ଶ୍ଳୋକରେ ଧର୍ମରେ ଗ୍ଲାନି ଆସିବାବେଳେ ଆସନ୍ତି ବୋଲି କହିଛନ୍ତି,  କିନ୍ତୁ ଅଷ୍ଟମ ଶ୍ଳୋକରେ ଧର୍ମ ସମ୍ପୂର୍ଣ୍ଣ ନଥିବା ବେଳେ ଆସନ୍ତି ବୋଲି କହିଛନ୍ତି । ଅର୍ଥାତ୍ ସମ୍ପୂର୍ଣ୍ଣ ଧର୍ମ ନିଖୋଜ ହୋଇଯାଇଥିବା ବେଳେ ତାହାକୁ ନୂଆ ବୋଧ କରିବା ପୂର୍ବକ ସଂସ୍ଥାପନା କରିବି ବୋଲି କହିଛନ୍ତି । ଏହା ଟିକିଏ ଗଭୀର ଆଲୋଚନା କଲେ ବୁଝିପାରିବେ ।

**ଶ୍ଳୋ ॥ ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମ ସଂସ୍ଥାନାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ ॥**

**ଭାବାର୍ଥ :-** "ଦୁର୍ଜନମାନଙ୍କୁ ନରହିବା ଭଳି କରିବାକୁ, ସେମାନଙ୍କୁ ସୁଜନ ଭାବରେ ବଦଳାଇବାକୁ ମୁଁ ଯୁଗ ଯୁଗରେ ଜନ୍ମ ହୋଇଥାଏ । ମୁଁ ଜନ୍ମହେବା ବେଳେ ସମ୍ପୂର୍ଣ୍ଣ ନିଖୋଜ ହୋଇଯାଇଥିବା ଧର୍ମକୁ ପୁନର୍ବାର ସ୍ଥାପନ କରି, ଦୁର୍ଜନମାନଙ୍କୁ ଜ୍ଞାନୀ କରିବା ଭଳି କାର୍ଯ୍ୟ କରିଥାଏ" ବୋଲି କହିଛନ୍ତି । ଏଠାରେ ଏଇ ଅଧ୍ୟାୟରେ ଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ଳୋକରେ ମୁଁ ଏହି

ଜ୍ଞାନ ପ୍ରଥମେ ସୂର୍ଯ୍ୟଙ୍କୁ କହିଥିଲି, ତାପରେ ତାହା ମଣିଷ ସମାଜରେ ପ୍ରବେଶ କରିଥିଲା, କିନ୍ତୁ କାଳକ୍ରମେ ଆଜି ତାହା ନାହିଁ ଅର୍ଥାତ୍ ନଷ୍ଟ ହୋଇଯାଇଛି ବୋଲି କହି, ଏହିଭଳି ମଣିଷକୁ ଅଜଣା ରହିଯାଇଥିବା ରହସ୍ୟ ଜ୍ଞାନ ମୁଁ ଏବେ ତୋତେ କହୁଛି, ତାହା ସତର୍କତାର ସହିତ ଶୁଣ୍ ବୋଲି କହିଛନ୍ତି । ଏଠାରେ ଅଷ୍ଟମ ଶ୍ଳୋକରେ କହିଛନ୍ତି ଯେ, ଯେତେବେଳେ ଧର୍ମ ସମ୍ପୂର୍ଣ୍ଣ ଅଧର୍ମରେ ପରିଣତ ହୋଇଯିବ ସେତେବେଳେ ମୁଁ ଆସିବି, ମୋର ଧର୍ମକୁ ଜଣାଇବି, କିନ୍ତୁ ସପ୍ତମ ଶ୍ଳୋକରେ ଧର୍ମରେ ଯେତେବେଳେ ଗ୍ଲାନି ଆସିବ ସେତେବେଳେ ଆସି ଧର୍ମଗ୍ଲାନିକୁ ଦୂର କରିବି କହିଛନ୍ତି । ତେଣୁ ଏହି ଦୁଇ ଶ୍ଳୋକକୁ ଧ୍ୟାନଦେଲେ ଜଣାଯାଉଛି ଯେ, ସପ୍ତମ ଶ୍ଳୋକରେ ଚତୁର୍ଥ ପଦ୍ଧତି, ଅଷ୍ଟମ ଶ୍ଳୋକରେ ତୃତୀୟ ପଦ୍ଧତି ମିଶି ରହିଛି ।

**ପ୍ରଶ୍ନ:-** ଭଗବଦ୍ଗୀତାର ଜ୍ଞାନଯୋଗରେ ଥିବା ସପ୍ତମ ଶ୍ଳୋକରେ ଜ୍ଞାନରୁ ଗ୍ଲାନିକୁ ଦୂର କରୁଥିବା ଚତୁର୍ଥ ପଦ୍ଧତି ହେଉ, ଅଷ୍ଟମ ଶ୍ଳୋକରେ ସମ୍ପୂର୍ଣ୍ଣ ନଥିବା ଧର୍ମର ସ୍ଥାପନା କରୁଥିବା ତୃତୀୟ ପଦ୍ଧତି ହେଉ, ଆଜି ପର୍ଯ୍ୟନ୍ତ ଭଗବଦ୍ଗୀତାର ବିବରଣୀ ଲେଖିଥିବା କେହି ଜଣେ ମଧ୍ୟ ଜଣାଇ ନାହାନ୍ତି । ଭଗବଦ୍ଗୀତାର ସବୁଠାରୁ ଛୋଟ ଶବ୍ଦର ଅର୍ଥକୁ ବ୍ୟାଖ୍ୟା କରି ଲେଖିଥିବା ସ୍ୱାମୀଜୀମାନେ ଅନେକ ଅଛନ୍ତି । ସେମାନେ କେହି ମଧ୍ୟ ଆପଣଙ୍କ ଭଳି ସପ୍ତମ ଶ୍ଳୋକ ଏହିଭଳି ଅଛି, ଅଷ୍ଟମ ଶ୍ଳୋକ ଏହିଭଳି ଅଛି ବୋଲି କାହିଁକି କହିନାହାନ୍ତି ।

**ଉତ୍ତର:-** ସେମାନେ କାହିଁକି ଲେଖିନାହାନ୍ତି ସେମାନଙ୍କୁ ପଚାରିବା ଉଚିତ୍, ମୁଁ କହୁଥିବା ପଦ୍ଧତି ସତ୍ୟ କି ନାଇଁ ଦେଖନ୍ତୁ । ମୁଁ କହିଥିବା କଥା ବୋଲି ମୁଁ କହୁଥିଲେ ମଧ୍ୟ, ମୁଁ କହୁଛି ବୋଲି ଆପଣଙ୍କୁ ଦେଖାଗଲେ ମଧ୍ୟ ମୋତେ ଭିତରୁ ଥାଇ ଯିଏ କୁହାଉଛି ଅର୍ଥାତ୍ କହୁଛି ସେ ହେଉଛି ମୋର ଆତ୍ମା । ଆତ୍ମା ହିଁ ମୋ ଦ୍ୱାରା କୁହାଉଛି ବୋଲି ଆଗରୁ କହିଛି । ସତକଥା କହିଲେ ଈଶ୍ୱରଙ୍କର ଏ ଯେଉଁ ଜ୍ଞାନ କହିବା ପଦ୍ଧତି ତିନୋଟି ରହିଛି ତାହା

ଭଗବଦ୍ଗୀତାରେ ପ୍ରତ୍ୟକ୍ଷତଃ କୁହାଯାଇ ନାହିଁ, କିନ୍ତୁ ଅନ୍ତିମ ଦୈବଗ୍ରନ୍ଥ କୋରାନରେ କୁହାଯାଇଛି । କୋରାନ କହିବା ଭଳି ଏହି ତିନି ପଦ୍ଧତି ଭଗବଦ୍ଗୀତାରେ ମଧ୍ୟ ଥିଲା ଏବଂ ଆଜି ମଧ୍ୟ ଅଛି, କିନ୍ତୁ ତାହା ଆଜିଯାଏଁ କେହି ଚିହ୍ନିପାରି ନାହାନ୍ତି । କେହି ଚିହ୍ନି ପାରୁନଥିବା ବେଳେ କହି ମଧ୍ୟ କିଛି ଲାଭ ନାହିଁ । ତେଣୁ କୌଣସି ଏକ ମଣିଷର ଆତ୍ମା ଦ୍ୱାରା ଏହି ପଦ୍ଧତି ଗୁଡିକୁ ଈଶ୍ୱର କୁହାଇଛନ୍ତି, ସେହି ସୁଯୋଗ ମୋ ଶରୀରରେ ମୋ ଆତ୍ମା (ଙ୍କ) ଦ୍ୱାରା ହେଉଥିବାରୁ, କାହାକୁ ଜଣାନଥିବା ରହସ୍ୟ ସମାଚାର ମୁଁ ପ୍ରଥମେ ଜାଣିପାରୁଛି ।

**ପ୍ରଶ୍ନ:-** ଏବେ ଗୋଟିଏ ମୁଖ୍ୟ ପ୍ରଶ୍ନ ପଚାରୁଛି । ମୋର ଏହି ପ୍ରଶ୍ନର ଉତ୍ତର ଆପଣ ମୁଁ ବୁଝିପାରିବା ଭଳି କହନ୍ତୁ । ଶ୍ରୀକୃଷ୍ଣ କହିଥିବା ଭଗବଦ୍ଗୀତାର ଜ୍ଞାନଯୋଗରେ ଥିବା ସପ୍ତମ, ଅଷ୍ଟମ ଶ୍ଳୋକରେ ତୃତୀୟ, ଚତୁର୍ଥ ପଦ୍ଧତି ଅଛି ବୋଲି କହୁଛନ୍ତି । ସେଦିନ କୃଷ୍ଣ ଭଗବାନ ହୋଇ ଆସିବା ବେଳେ ତୃତୀୟ ପଦ୍ଧତି ଭାବେ ନଥିବା ଧର୍ମକୁ କହିବା ପାଇଁ ଆସିଥିଲେ ? କି ଚତୁର୍ଥ ପଦ୍ଧତି ହୋଇଥିବା ଧର୍ମର କାଲୁଷ୍ୟକୁ ଦୂର କରିବାକୁ ଆସିଥିଲେ ?

**ଉତ୍ତର:-** ଭଗବାନ ଭୂପୃଷ୍ଠକୁ ଆସିବାବେଳେ ତାଙ୍କୁ କେହି ଚିହ୍ନିପାରନ୍ତି ନାହିଁ ବୋଲି ଆଗରୁ କହିଥିଲି । ତେଣୁ **ସେ ଭୂପୃଷ୍ଠରେ ଥିବାବେଳେ ଭଗବାନ ବୋଲି କେବଳ ଭୀଷ୍ମଙ୍କ ବ୍ୟତୀତ କାହାକୁ ଜଣାନଥିଲା । ଭବିଷ୍ୟତ କାଳପାଇଁ ଜଣେ ସାକ୍ଷୀ ଭାବରେ ଭୀଷ୍ମ ରହିଯିବା ଭଳି ସ୍ୱୟଂ ଈଶ୍ୱର ହିଁ କରିଥିଲେ ।** ସେଥିଲାଗି କେବଳ ଭୀଷ୍ମ ହିଁ ତାଙ୍କୁ ଜାଣି ପାରିଥିଲେ । ଭୀଷ୍ମଙ୍କ ବ୍ୟତୀତ ଆଉ କେହି ତାଙ୍କୁ ଚିହ୍ନିପାରି ନଥିଲେ । କୃଷ୍ଣ ମଧ୍ୟ ମୁଁ ୩ୟ, ୪ର୍ଥ ପଦ୍ଧତି ବାବଦରେ ଜଣାଇବା ଭଳି ଦୁଇଟି ଶ୍ଳୋକରେ କହିଥିଲେ । ଏକଥା ସେ କହିବା ଆଗରୁ ମୁଁ ସୂର୍ଯ୍ୟଙ୍କୁ କହିଥିଲି, ଏବେ ତାହା ନଷ୍ଟ ହୋଇଯାଇଛି ବୋଲି ସ୍ୱୟଂ କହିବା ଦ୍ୱାରା, ସେତେବେଳେ ଧର୍ମ ନଥିଲା, ତେଣୁ ଧର୍ମ ସ୍ଥାପନ କରିବା ପାଇଁ ଆସିଛି କହିବା ଭଳି

ତୃତୀୟ ପଦ୍ଧତିକୁ ସ୍ପଷ୍ଟ କରିଛନ୍ତି, କିନ୍ତୁ ୪ର୍ଥ ପଦ୍ଧତି ବିଷୟରେ ମୁଁ ଅମୁକ ସ୍ଥାନରେ କହୁଛି ବୋଲି କେଉଁଠି କହିନାହାନ୍ତି । ତେଣୁ କୃଷ୍ଣଙ୍କ ଜନ୍ମରେ ସେ ତୃତୀୟ ପଦ୍ଧତି ଦ୍ୱାରା ଧର୍ମ ଜଣାଇଥିଲେ ବୋଲି ଜଣାଯାଉଛି, ତାଛଡା ଚତୁର୍ଥ ପଦ୍ଧତି ପାଇଁ ସେ ଆସିନଥିଲେ ବୋଲି ସ୍ପଷ୍ଟ ହେଉଛି ।

**ପ୍ରଶ୍ନ:-** ଧର୍ମ ଜଣାଇବା ପାଇଁ ଆସିଥିବା ପାତ୍ର ମଣିଷ ଭଳି ହୋଇଥିଲେ ମଧ୍ୟ, ତାଙ୍କୁ ଆମେ ଭଗବାନ କହୁଛେ । ଭଗବାନ ହୋଇ ଆସିଥିବା କୃଷ୍ଣ ଜ୍ଞାନଯୋଗର ସପ୍ତମ ଶ୍ଲୋକରେ ଧର୍ମର କାଲୁଷ୍ୟକୁ ଦୂର କରିବା ପାଇଁ ମୁଁ ଆସିବି ବୋଲି କହିବା ଦ୍ୱାରା, ଚତୁର୍ଥ ପଦ୍ଧତି ମଧ୍ୟ ଦିନେ ଆସିବ ଏବଂ ସେ ଭଗବାନ ହୋଇ ଆସିବେ ବୋଲି ତାଙ୍କ ଭାଷାରୁ ଆଧାର ମିଳୁଛି ! ଏ ବାବଦରେ ସନ୍ଦେହ ଦୂର କରିବେ କି ?

**ଉତ୍ତର:-** ମୁଁ ମୁଖ୍ୟ ସୂତ୍ର କହୁଛି । ସେହି ଅନୁସାରେ ଉତ୍ତର ଆପଣ ଖୋଜି ପାରିବେ । ମଣିଷ ଶରୀରରେ ପରମାତ୍ମା ଆତ୍ମା ଭଳି ଅଭିନୟ କରି ଯଦି ଧର୍ମ ଜଣାନ୍ତି ତେବେ ତାହା ତୃତୀୟ ପଦ୍ଧତି ହେବ । ଯଦି ମଣିଷ ଶରୀରର ଆତ୍ମା ପରମାତ୍ମାଙ୍କ ଭଳି ଅଭିନୟ କରି ଧର୍ମ ଜଣାଇବେ ତେବେ ଚତୁର୍ଥ ପଦ୍ଧତି ହେବ । ଶରୀରରେ ଆତ୍ମା,ପରମାତ୍ମା କଅଣ ଜଣାନଥିବା ଆମକୁ କେତେବେଳେ ଆତ୍ମା କହୁଛନ୍ତି,କେତେବେଳେ ପରମାତ୍ମା କହୁଛନ୍ତି କେମିତି ଜାଣିବା ? ତେଣୁ ଏ ବିଷୟକୁ କେହି ପ୍ରମାଣିତ କରିପାରିବେ ନାହିଁ ।

**ପ୍ରଶ୍ନ:-** ବ୍ରହ୍ମବିଦ୍ୟାଶାସ୍ତ୍ର ହିନ୍ଦୁମାନେ, ଧର୍ମଶାସ୍ତ୍ର ବୋଲି ଖ୍ରୀଷ୍ଟିଆନମାନେ, ଦୈବଗ୍ରନ୍ଥ ବୋଲି ମୁସ୍ଲିମମାନେ ନିଜ ନିଜର ଗ୍ରନ୍ଥକୁ କହୁଛନ୍ତି । ଏଭଳି କହିବା ଦ୍ୱାରା ସେଗୁଡିକରେ କଣ କିଛି ଭିନ୍ନତା ରହିଛି ?

**ଉତ୍ତର:-** ତିନିଗୋଟି ନାମରେ ତିନି ମତର (ଧର୍ମର) ଲୋକମାନେ କହୁଛନ୍ତି ସତକଥା, ହେଲେ ତିନି ଗ୍ରନ୍ଥର ନାଆଁଗୁଡିକ ଅଲଗା ରହିଲେ ମଧ୍ୟ ସେଗୁଡିକରେ ଥିବା ଭାବ ଗୋଟିଏ । ତିନି ଗ୍ରନ୍ଥର ଆକାର, ପରିମାଣ ଭିନ୍ନ

ଭିନ୍ନ ଥିଲେ ମଧ୍ୟ, ସେଗୁଡିକରେ ଏକୈକ ଈଶ୍ୱରଙ୍କ ବିଷୟ ରହିବା ଦ୍ୱାରା, ସେଗୁଡିକ ସର୍ବ ମାନବଜାତି ପାଇଁ ଆବଶ୍ୟକୀୟ ସୂତ୍ର ବୋଧ କରିବା ଦ୍ୱାରା ସେଗୁଡିକରେ କୌଣସି ଭିନ୍ନତା ନାହିଁ ବୋଲି କହୁଛି ।

**ପ୍ରଶ୍ନ:-** ଯଦି ତିନି ଗ୍ରନ୍ଥ ସମାନ ତେବେ ମଣିଷ କାହିଁକି ଭାଗ ଭାଗ ହୋଇଯାଇଛି ?

**ଉତ୍ତର:-** ତିନି ଗ୍ରନ୍ଥର ଗ୍ରନ୍ଥକର୍ତ୍ତା ଜଣେ ବୋଲି ଜାଣିନଥିବା ଲୋକେ, ଜଣେ ଈଶ୍ୱର ହିଁ ତିନି କାଳରେ ତିନି ଗ୍ରନ୍ଥକୁ ଦେଇଥିଲେ ବୋଲି ଜାଣିନଥିବା ଲୋକେ, ତିନି ଦୈବଗ୍ରନ୍ଥରେ ମାନବଜାତିର ଆବଶ୍ୟକୀୟ ଜ୍ଞାନ ଅଛି ବୋଲି କିପରି ଗ୍ରହଣ କରିବେ ? ଭୂପୃଷ୍ଠରେ ତିନି ଦୈବଗ୍ରନ୍ଥ ଗୋଟିଏ ଉଦ୍ଦେଶ୍ୟରେ ଆସି, ଗୋଟିଏ କଥା କହିଛି ବୋଲି ଜାଣିନଥିବା ଲୋକେ ଗ୍ରନ୍ଥଗୁଡିକର ନାଆଁ ଅନୁସାରେ, ଆକାର ଅନୁସାରେ ସ୍ଥୂଳ ଦୃଷ୍ଟିଯୁକ୍ତ ହୋଇ ତିନି ଭାଗରେ ବିଭାଜିତ ହୋଇଯାଇ, ଭିନ୍ନ ଭିନ୍ନ ମତ (ଧର୍ମ)ବୋଲି ନାମ ଦେଇ, ଗୋଟିଏ ଗୋଟିଏ ଗ୍ରନ୍ଥକୁ ଅନୁସରଣ କରୁଛନ୍ତି । ଏଭଳି ଗୋଟିଏ ମାନବ ଜାତି ତିନି ଭାଗରେ ବିଭକ୍ତ ହୋଇଯିବା ମାନବର ମୁର୍ଖତା, ଅଜ୍ଞାନତା ବୋଲି କହିପାରିବା ।

**ପ୍ରଶ୍ନ:-** ତିନି ଗ୍ରନ୍ଥର ଲୋକମାନେ ନିଜ ନିଜ ଗ୍ରନ୍ଥ ଅନୁସାରେ ମହାନ ଜ୍ଞାନୀ ହୋଇପାରିଛନ୍ତି, ସେମାନେ ସେମାନଙ୍କ ଗ୍ରନ୍ଥର ବାକ୍ୟଗୁଡିକୁ କିମ୍ବା ଶ୍ଳୋକଗୁଡିକୁ କଣ୍ଠସ୍ଥ ମଧ୍ୟ କରିଛନ୍ତି, ସେମାନେ ଯାହାଙ୍କୁ ଆରାଧନା କରୁଛନ୍ତି ତାହା ମଧ୍ୟ ମହାନ ଭକ୍ତି ପ୍ରଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ । ଏଭଳି ମହାନ ବ୍ୟକ୍ତିମାନେ ତିନି ମତରେ ଅଛନ୍ତି ! ହେଲେ ତିନି ଗ୍ରନ୍ଥର ବିଷୟ ଗୋଟିଏ ବୋଲି କେମିତି କେହି ଜାଣିପାରିଲେ ନାହିଁ ?

**ଉତ୍ତର:-** ଯଦି ଜାଣିଥାଆନ୍ତେ ତେବେ ଏମିତି ତିନିମତ ହୋଇ, ତିନି ପ୍ରକାରର ଆଚରଣ କାହିଁକି କରନ୍ତେ ? ବୋଲି ମୁଁ ପଚାରୁଛି । ଉପରକୁ

କେତେ ମହାନ ଦେଖାଗଲେ କଣ ହେବ, କେତେ ବଡ ନାଆଁ କମାଇଲେ କଣ ହେବ, ସେ ନାମଖ୍ୟାତିକୁ ଭୌତିକ କହିପାରିବା ସିନା, ଐଶ୍ୱରୀୟ କହିପାରିବା ନାହିଁ । ସମସ୍ତେ ମୋ'ମତ ମୋ'ମତ କହୁଛନ୍ତି ସିନା ସମସ୍ତଙ୍କର ମତ(ଧର୍ମ) ଗୋଟିଏ, ସମସ୍ତଙ୍କର ଜ୍ଞାନ ଗୋଟିଏ, ସମସ୍ତଙ୍କର ଈଶ୍ୱର ଜଣେ, ସମସ୍ତଙ୍କର ଲକ୍ଷ୍ୟ ଗୋଟିଏ ବୋଲି କେହି ଜଣେ କହୁଛନ୍ତି ? ତିନି ଗ୍ରନ୍ଥକୁ ଜଣେ ଈଶ୍ୱର କହିଛନ୍ତି, ସେଥିରେ ଗୋଟିଏ ଜ୍ଞାନ ଅଛି ବୋଲି ଜାଣିନଥିବା ଲୋକ କେତେ ମହାନ ବୋଲାଇଲେ ମଧ୍ୟ, କେତେ ବଡକଥା କହିଲେ ମଧ୍ୟ ଯାହା କହୁଛି ତାହା ଶୁଦ୍ଧମିଛ । ଜଣେ ମୋ'ମତ କହି ମତର ନାଆଁ କହି କେତେ ବଡ ଜ୍ଞାନୀ ବୋଲାଇଲେ ବି ଆମ ହିସାବରେ, ଈଶ୍ୱରଙ୍କ ଖାତାରେ ସେ ଅଜ୍ଞାନୀ ଭାବରେ ପରିଗଣିତ ହୋଇଥାଏ । ଜଣେ ତା ମତରେ ଥିବା ଗ୍ରନ୍ଥର ଜ୍ଞାନକୁ କଣ୍ଠସ୍ଥ କରି, କ୍ରମ ଅନୁସାରେ କହିଗଲେ ମଧ୍ୟ, ତାଠାରେ ସ୍ମୃତିଶକ୍ତି ଅଛି ସିନା, ଜ୍ଞାନଶକ୍ତି ନାହିଁ । ପ୍ରକୃତରେ ଈଶ୍ୱର ଜଣେ ବୋଲି ଭାବୁଥିବା ବ୍ୟକ୍ତି ଏହା ମୋ ମତ ବୋଲି କେବେ କହିବ ନାହିଁ । ମତ ନାଆଁରେ ପରିଗଣିତ ହେଉଥିବା କୌଣସି ବ୍ୟକ୍ତି ଈଶ୍ୱରଙ୍କ ନିକଟତର ହୋଇପାରିବ ନାହିଁ । ମୁଁ ଅମୁକ ମତର ବୋଲି କହିବା ହିଁ ପ୍ରଥମେ ଈଶ୍ୱରଙ୍କ ବ୍ୟତିରେକ ହେବା ଭଳି ହୋଇଥାଏ । ସମସ୍ତେ ଗୋଟିଏ ମାର୍ଗରେ ରହି, ଏକେଶ୍ୱର ଉପାସନା କରିବା ଉଦ୍ଦେଶ୍ୟରେ ଈଶ୍ୱର ତିନି ଗ୍ରନ୍ଥକୁ ତିନି ଭାଷାରେ କହି, ସେଥିରେ ନିଜର ଭାବକୁ ଜଣାଇଥିବା ବେଳେ, ତାଙ୍କ ଭାବର ବ୍ୟତିରେକ ହୋଇ ମଣିଷ ତିନି ମତ ଭାବରେ ବଦଳିବା କଣ ଭୁଲ୍ ନୁହେଁ ?

ତିନି ମତରେ ବାହାରକୁ ଦେଖାଯାଉଥିବା ଭଳି ମହା ମହା ଜ୍ଞାନୀମାନେ, ବୋଧକମାନେ, ଗୁରୁମାନେ, ସ୍ୱାମୀଜୀମାନେ ଅଛନ୍ତି । ହେଲେ ସେମାନଙ୍କୁ ଈଶ୍ୱର ଜଣାଇଥିବା ମତାତୀତ ଜ୍ଞାନକୁ ମଣିଷ ଜାଣି ନପାରିବା ହିଁ ମଣିଷର ଏହି ଦୁର୍ଗତିର ଗୋଟିଏ ମୁଖ୍ୟ କାରଣ, ତାର

ବିବରଣୀ କହିବାକୁ ଗଲେ, ଜଣେ ମଣିଷ ବାହ୍ୟ ଦୁନିଆରେ କେତେ ମହାନ ହେଲେ ହୋଇପାରେ, କିନ୍ତୁ ତା ଶରୀରରେ ସେ (ଜୀବାତ୍ମା) ତିନି ଗୁଣଚକ୍ର ଭିତରେ ହିଁ ଛନ୍ଦିହୋଇ ରହିଥାଏ । ଗୁଣଗୁଡିକ ହିଁ ଭିତରେ ଛନ୍ଦି ହୋଇଯାଇଥିବା ଜୀବକୁ ନିଜ ପ୍ରଭାବରେ ପ୍ରଭାବିତ କରିଥାନ୍ତି । ପ୍ରତ୍ୟେକ ଗୁଣର ଗୋଟିଏ ପ୍ରଭାବ ରହିଥାଏ । ଗୁଣଚକ୍ରର ଗୋଟିଏ ଭାଗରେ ୧୨ଗୋଟି ଲେଖାଏଁ ଗୁଣ ରହି ବାରଗୋଟି ପ୍ରଭାବ ଦର୍ଶାଇଥାନ୍ତି । ଏହିଭଳି ବିଭିନ୍ନ ପ୍ରଭାବର ଗୁଣଗୁଡିକୁ ମିଶାଇ ଈଶ୍ୱର ତାଙ୍କ ଗ୍ରନ୍ଥ ଭଗବଦ୍ଗୀତାରେ "ମାୟା" ନାମ ଦେଇ କହିଛନ୍ତି । ପ୍ରତ୍ୟେକ ଗୁଣର ପ୍ରଭାବରେ ପ୍ରଭାବିତ ହେଉଥିବା ଜୀବାତ୍ମା ମାୟାରେ ହିଁ ଛନ୍ଦିହୋଇ ରହିଛି ବୋଲି କହି ପାରିବା । ଏହି ଅନୁସାରେ ଜଗତରେ ମାୟାରେ ଛନ୍ଦିହୋଇ ନଥିବା ମଣିଷ କଣ କେହି ଅଛନ୍ତି ? ବୋଲି ପ୍ରଶ୍ନକଲେ, କେହି ମଧ୍ୟ ନାହାନ୍ତି ବୋଲି କହିପାରିବା । କାରଣ ! ଶରୀରରେ ଥିବା ସମସ୍ତେ (ପ୍ରତ୍ୟେକ ଜୀବ) ଗୁଣଚକ୍ରର ଗୁଣ ଭିତରେ ଥାଆନ୍ତି, ତେଣୁ ସମସ୍ତେ ମାୟାରେ ଅଛନ୍ତି କହିଲେ ବେଶୀକଥା ହେବ ନାହିଁ ।

ବାହ୍ୟ ଦୁନିଆରେ ଜଣେ ଖ୍ରୀଷ୍ଟମତର ଗୁରୁ (ପୋପ୍) ହୁଅନ୍ତୁ, ଇସ୍ଲାମ ମତର ପଣ୍ଡିତ (ମୌଲବି) ହୁଅନ୍ତୁ, ହିନ୍ଦୁମତର ସ୍ୱାମୀଜୀ ହୁଅନ୍ତୁ, ସମସ୍ତେ ଭିତର ଦୁନିଆରେ ଗୁଣରାଜି ନାମକ ମାୟାରେ ଛନ୍ଦିହୋଇ ରହିଛନ୍ତି କହିଲେ ଅତିଶୟୋକ୍ତି ହୁଏ ନାହିଁ । ସେମାନେ ମାୟାକୁ ଜିତିଯାଇଛନ୍ତି ବୋଲି କହିଲେ ମଧ୍ୟ ଭଗବଦ୍ଗୀତାର ବିଜ୍ଞାନ ଯୋଗରେ ଥିବା ୧୪ତମ ଶ୍ଳୋକରେ **"ଗୁଣମୟି ମମ ମାୟା ଦୂରତ୍ୟୟା"** ଅର୍ଥାତ୍ **"ଗୁଣଯୁକ୍ତ ମୋର ମାୟାକୁ ଜିତିବା ଦୁଃସାଧ୍ୟ"** ବୋଲି ଈଶ୍ୱର କହିଛନ୍ତି । କିଛିଲୋକ ମହାନ ଜ୍ଞାନୀ ବୋଲି ଖାଲି ନିଜକୁ କହନ୍ତି ନାହିଁ ଆମେ ହିଁ ଈଶ୍ୱର ବୋଲି କହିଥାନ୍ତି । ଏଭଳି ଯିଏ ଯେତେକରି ନିଜକୁ କହିଲେ ମଧ୍ୟ ଶରୀର ଭିତରେ ସମସ୍ତଙ୍କର ସ୍ଥାନ ଗୋଟିଏ । ମାୟା ଜାଲରୁ କେହି ମଧ୍ୟ ବାହାରକୁ ଆସିପାରନ୍ତି ନାହିଁ

ବୋଲି କହିପାରିବା । ସେଥିଲାଗି ମୋ ମାୟାକୁ ଜିତିବା ଦୁଃସାଧ ବୋଲି ସ୍ୱୟଂ ଈଶ୍ୱର ଗୀତାରେ କହିଛନ୍ତି । ଏତେ କଠୋର ବଚନ ଈଶ୍ୱର କାହିଁକି କହିଛନ୍ତି ବୋଲି ବିଚାର କଲେ, ଗୁଣରାଜି ବାବଦରେ କିଛି ବିବରଣୀ ଦୃଷ୍ଟିଗୋଚର ହୋଇଥାଏ । ଦୈବନିର୍ମିତ ବଳଶାଳୀ ଗୁଣ ପ୍ରଭାବରୁ କେହି ବାଦ୍ ଯାଆନ୍ତି ନାହିଁ ବୋଲି ଏଠାରେ ଜଣାଯାଉଛି । ବାସ୍ତବ ଦୈବଧର୍ମକୁ ଜାଣି, ନିଜର ଅଧିପତି ହୋଇଥିବା ଈଶ୍ୱରଙ୍କ ନିକଟରେ ଶରଣ ନେଇ, ତାଙ୍କରି ଆରାଧନା କରୁଥିବା ମଣିଷ ବ୍ୟତୀତ ଅନ୍ୟ କେହି ମାୟାକୁ ଡେଇଁ ଯାଇପାରନ୍ତି ନାହିଁ ।

**ପ୍ରଶ୍ନ:-** କିଛିଲୋକ ଇତର ଦେବତା ମାନଙ୍କ ଆରାଧନା ନକରି, ସମସ୍ତଙ୍କର ଅଧିପତି ସମସ୍ତଙ୍କ ଠାରୁ ମହାନ ହୋଇଥିବା ଈଶ୍ୱରଙ୍କ ଆରାଧନା କରିଥାନ୍ତି । ତିନି ମତ ଭିତରେ ଥିବା ଇସ୍ଲାମ ମତର ଲୋକେ ଆମେ ଅଲ୍ଲାଃଙ୍କ ବ୍ୟତୀତ ଆଉ କାହାର ଆରାଧନା କରୁନାହୁଁ, ଅଲ୍ଲାଃଙ୍କ ବ୍ୟତୀତ ଆଉ କାହାକୁ ମହାନ ଭାବୁ ନାହୁଁ ବୋଲି କହୁଛନ୍ତି । କଣ ସେମାନ ମଧ୍ୟ ମାୟାରେ ଅଛନ୍ତି ? ସେମାନେ ମାୟାକୁ ଜିତି କଣ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇନଥାନ୍ତି ?

**ଉତ୍ତର:-** ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱର ନାହାନ୍ତି ବୋଲି ଭାବନା କରି କେବଳ ଅଲ୍ଲାଃଙ୍କୁ ପ୍ରାର୍ଥନା କରିବା ପ୍ରତ୍ୟେକ ମୁସ୍ଲିମକୁ ଜଣାଥାଏ, କିନ୍ତୁ ସେମାନେ ମଧ୍ୟ ମାୟାଠାରୁ ବାହାରେ ନାହାନ୍ତି । ଈଶ୍ୱର ସମସ୍ତଙ୍କଠାରୁ ମହାନ, ତେଣୁ ତାଙ୍କ ଛଡା ଅନ୍ୟ କାହାକୁ ଆଶ୍ରୟ କରିବା ଉଚିତ ନୁହେଁ ବୋଲି ସେମାନେ କହିଲେ ମଧ୍ୟ, ସେମାନଙ୍କୁ ଈଶ୍ୱରଙ୍କ ଧର୍ମ କଅଣ ଜଣା ନାହିଁ । କାରଣ ! କେତେବଡ ମୁସ୍ଲିମ୍ ଭକ୍ତ ହେଲେ ମଧ୍ୟ ପ୍ରଥମେ ମୋ ମତ (ଧର୍ମ) ବୋଲି କହିଥାଏ । ଯିଏ କୌଣସି ମତ ଭିତରେ ଅଛି, ସେ ମାୟା ଭିତରେ ହିଁ ଅଛି । ମତ ମଣିଷର କେଉଁ ଶରୀରକୋଷ ଭିତରେ ମଧ୍ୟ ଟିକିଏ ଥିବା ପର୍ଯ୍ୟନ୍ତ ସେ ମାୟା ନାମକ ଗୁଣରେ ଛନ୍ଦିହୋଇ ରହିବା

ଥାଏ ! ମତକୁ ନଛାଡିବା ପର୍ଯ୍ୟନ୍ତ ସେ ସେଥିରୁ କେବେ ମଧ୍ୟ ବାହାରକୁ ଆସିପାରିବ ନାହିଁ । ଏହିଭଳି ସମସ୍ତେ ମତ ନାମକ ପ୍ରାଥମିକ ଅଜ୍ଞାନରେ ଥାଆନ୍ତି । ତାହାକୁ ଜିତି ନପାରିବା ବେଳେ, ସେ ମାୟାରୁ ବାହାରେ ନାହିଁ ବୋଲି ହିସାବ ହେବ । ସମସ୍ତଙ୍କ ପାଇଁ ଏହି ସୂତ୍ର ଗୋଟିଏ ।

**ପ୍ରଶ୍ନ:-** ଶରୀରରେ ଥିବା ମାୟା ଶରୀରରେ ଥିବା ଜୀବକୁ ଏଭଳି ନଘଉଥିବା ବେଳେ, ମାୟାର ଏତେ ବଳ କେଉଁଠୁ ଆସିଲା ? ମାୟା ଜୀବ ଉପରେ କିପରି କାର୍ଯ୍ୟ କରିଥାଏ ?

**ଉତ୍ତର:-** ମାୟା ପ୍ରତ୍ୟକ୍ଷ ଭାବରେ ନଥାଏ । ମାୟା ପରୋକ୍ଷୀ, ପ୍ରତ୍ୟକ୍ଷ ଭାବରେ ଥାଏ ଗୁଣରାଜି । ଆପଣ ବୁଝିପାରିବେ ବୋଲି ଗୁଣକୁ ପ୍ରତ୍ୟକ୍ଷ ଭାବରେ ଅଛି ବୋଲି କହୁଛି । ବାସ୍ତବରେ ଗୁଣ ମଧ୍ୟ କାହାଠାରେ ପ୍ରତ୍ୟକ୍ଷ ଭାବରେ ଦେଖାଯାଏ ନାହିଁ । ଗୁଣ ବାହାରକୁ ଦେଖାଯାଏ ନାହିଁ, ତାକୁ ଜ୍ଞାନନେତ୍ର ଦ୍ୱାରା ଜାଣିପାରିବା । ୧୨ଗୋଟି ଗୁଣର ସମାହାର ସାରକୁ ମାୟା ବୋଲି କହୁଛୁ । ମଣିଷର ମୁଣ୍ଡ ଭିତରେ ତିନି ଭାଗ ହୋଇ ରହିଥିବା ଗୁଣଚକ୍ରର ପ୍ରତ୍ୟେକ ଭାଗରେ ବାର (୧୨)ଗୋଟି ଲେଖାଏଁ ଗୁଣ ରହିଥାନ୍ତି ବୋଲି ଆଗରୁ ମଧ୍ୟ କହିଛୁ । ସେହି ୧୨ଗୋଟି ଲେଖାଏଁ ଗୁଣରାଜି ଭିତରେ ୬(ଛଅ) ଗୋଟି ଲେଖାଏଁ ଭଲଗୁଣ, ଛଅ(୬)ଗୋଟି ଲେଖାଏଁ ଖରାପଗୁଣ ରହିଥାନ୍ତି । ଖରାପଗୁଣ ଗୁଡିକ ହେଲେ ୧) କାମ ୨) କ୍ରୋଧ ୩) ଲୋଭ ୪) ମୋହ ୫) ମଦ ୬) ମାତ୍ସର୍ଯ୍ୟ । ସେହିଭଳି ଭଲଗୁଣ ଗୁଡିକ ହେଉଛନ୍ତି ୧) ଦାନ ୨) ଦୟା ୩) ଉଦାରତା ୪) ବୈରାଗ୍ୟ ୫) ବିନୟ ୬) ପ୍ରେମ । ଏହିଭଳି କ୍ରମ ଭାବରେ କୁହାଯାଇଥିବା ମନ୍ଦ ଗୁଣଗୁଡିକର ବ୍ୟତିରେକ ଭାବରେ କ୍ରମ ଅନୁସାରେ କୁହାଯାଇଥିବା ଭଲ ଗୁଣଗୁଡିକ ରହିଥାନ୍ତି । ଉଦାହରଣ ସ୍ୱରୂପ ଖରାପ ଗୁଣଗୁଡିକର ପ୍ରଥମ କ୍ରମରେ ଥିବା କାମ ନାମକ ଗୁଣ, ଭଲ ଗୁଣଗୁଡିକର ପ୍ରଥମ କ୍ରମରେ ଥିବା ଦାନ ଗୁଣର ବ୍ୟତିରେକ ହୋଇ ରହିଛି, ସେହିଭଳି କାମ-ଦାନ,

କ୍ରୋଧ-ଦୟା, ଲୋଭ-ଉଦାରତା, ମୋହ-ବୈରାଗ୍ୟ, ମଦ (ଗର୍ବ)-ବିନୟ, ମାତ୍ସର୍ଯ୍ୟ (ଅସୂୟା)-ପ୍ରେମ, ଏହିଭଳି ଗୋଟିଏ ଦଳର ଗୁଣକ୍ରମ ଅନୁସାରେ ଅନ୍ୟ ଦଳର ଗୁଣକ୍ରମ ବ୍ୟତିରେକ ଭାବରେ ଥାଏ । ଗୁଣଗୁଡିକ ଏଭଳି କ୍ରମ ଅନୁସାରେ ଗୋଟିଏ ଦଳର ଗୁଣ ସହିତ ଅନ୍ୟ ଦଳର ଗୁଣ ବ୍ୟତିରେକ ହୋଇ ରହିବା ଦ୍ୱାରା ଖରାପ ଗୁଣର ପ୍ରଭାବ ପାଇଁ ଭଲ ଗୁଣର ପ୍ରଭାବ ରହିଛି । ଏହିଭଳି ଖରାପଗୁଣ, ଭଲଗୁଣ ନାମରେ ଗୁଣଗୁଡିକୁ ବିଭାଜନ କରି କିପରି କହିହୁଏ କି ! ପ୍ରଭାବର ଫଳ ଖରାପ ଭଲ ଭାବରେ କିମ୍ବା ପାପ ପୁଣ୍ୟ ଭାବରେ ରହିବା ଦ୍ୱାରା ଏଭଳି କହିବାକୁ ପଡିଛି ।

୧୨ଗୋଟି ଗୁଣର ୧୨ଗୋଟି ଅଲଗା ଅଲଗା ପ୍ରଭାବ ରହିଛି, ଏହି ପଦ୍ଧତି ଅନୁସାରେ ଖରାପ ବର୍ଗର ଗୁଣଗୁଡିକ ଭିତରୁ ପ୍ରଥମ କ୍ରମରେ ଥିବା ଆଶା (କାମ) ନାମକ ଗୁଣର ଏକ ସ୍ୱତନ୍ତ୍ର ପ୍ରଭାବ ରହିଥାଏ । ତାର ବିପରୀତ ହୋଇ ଭଲବର୍ଗ ଗୁଣଗୁଡିକ ଭିତରୁ ପ୍ରଥମ କ୍ରମରେ ଥିବା ଦାନ ନାମକ ଗୁଣର ମଧ୍ୟ ସ୍ୱତନ୍ତ୍ର ପ୍ରଭାବ ରହିଥାଏ । ଗୁଣଗୁଡିକ ସ୍ଥୁଳ ନୁହନ୍ତି, ସୂକ୍ଷ୍ମ । ତେଣୁ ଗୁଣଗୁଡିକ ଦେଖାନଯାଇ ଥାଆନ୍ତି ବୋଲି କହିପାରିବା । ସୂକ୍ଷ୍ମ ଭାବରେ ଆଖିକୁ ଦେଖାନଯାଇ ଥିଲେ ମଧ୍ୟ ଗୁଣଗୁଡିକ ଜ୍ଞାନ ଦୃଷ୍ଟିରେ ଜଣାପଡିବା ଭଳି ରହିଥାନ୍ତି । ସୂକ୍ଷ୍ମ ହୋଇଥିବାରୁ ଈଶ୍ୱର ଗୁଣର ଏକ ପରିମିତ ଆକାର, ପ୍ରଭାବକୁ କଳ୍ପନା କରିଛନ୍ତି । ଜ୍ଞାନଦୃଷ୍ଟିରେ ଗୁଣଗୁଡିକ ଦେଖାଯାଇଥାନ୍ତି । ଗୋଟିଏ ଗୁଣ ଗୁଣଚକ୍ରରେ ଗୋଟିଏ ଜାଗାରେ ଥିଲେ ମଧ୍ୟ, ତାର ପ୍ରଭାବ ଗୁଣଚକ୍ରର ପ୍ରତ୍ୟେକ ଭାଗରେ ବ୍ୟାପିରହିଥାଏ । ଗୋଟିଏ ତାରରେ ଶହେ ଟେଲିଫୋନ୍ ନମ୍ବର ଯାତ୍ରା କରୁଥିଲେ ମଧ୍ୟ ସେଗୁଡିକର କୋର୍ଡ ଅଲଗା ଅଲଗା ହୋଇଥିବାରୁ କାହା ସହିତ କେହି ନମିଶି ଅଲଗା ଅଲଗା ଯାତ୍ରା କରୁଥିବା ଭଳି ଗୋଟିଏ ଗୁଣ ଭାଗରେ ୧୨ଗୋଟି ଗୁଣର ସ୍ୱତନ୍ତ୍ର ସ୍ୱତନ୍ତ୍ର ପ୍ରଭାବ ରହିଥିଲେ ମଧ୍ୟ, ଗୋଟିକର ପ୍ରଭାବ ସହିତ ଅନ୍ୟ ଗୋଟିଏର ପ୍ରଭାବ ମିଶି ନଯାଇ ଅଲଗା ଅଲଗା ପ୍ରଭାବ ବିଶିଷ୍ଟ ହୋଇ ରହିଥାନ୍ତି ।

ଭାବ କହିଲେ ଭାଷାରେ ରହିଥିବା ଅର୍ଥ । ଭାଷା ଦେଖାଯାଉ କି ଶୁଣାଯାଉ କିନ୍ତୁ ତାର ଭାବ ଦେଖାଯିବ ନାହିଁ କି ଶୁଣାଯିବ ନାହିଁ । ଭାବ ମଣିଷର ବୁଦ୍ଧିକୁ ବଦଳାଇ ପାରେ, ଓଡିଆ ଭାଷାର ଗୋଟିଏ ପଦକୁ ଗୋଟିଏ ସନ୍ଦର୍ଭରେ ବ୍ୟବହାର କଲାବେଳେ, ତାର ଭାବ ଆମଠାରେ କିପରି କାର୍ଯ୍ୟ କରିଥାଏ ତାର ଗୋଟିଏ ଉଦାହରଣକୁ ଦେଖିବା ।

ଗୋଟିଏ ଯାଗାରେ ତିନିଜଣ ବ୍ୟକ୍ତି କଥା ହେଉଥିଲେ । ସେମାନଙ୍କ ଭିତରୁ ପ୍ରଥମ ବ୍ୟକ୍ତି ଜଣକ କଥା ପ୍ରସଙ୍ଗରେ କହିଲା ଯେ ମୁଁ କାଲି ନଈକୂଳରେ ବୁଲୁ ବୁଲୁ ଡାକିଲି ହେଲେ ସେ ଶୁଣିଲା ନାହିଁ, ସେତେବେଳେ ଦ୍ୱିତୀୟ ବ୍ୟକ୍ତି ଜଣକ ଏକଥା ଶୁଣି ଭାବିଲା ଯେ, ଡାକୁଥିବା ଲୋକର ନାଆଁ 'ବୁଲୁ', ସେ ଏହି ନାମରେ ଦୁଇଥର ଡାକିଲେ ମଧ୍ୟ ବୁଲୁ ଶୁଣିଲା ନାହିଁ, କିନ୍ତୁ ତୃତୀୟ ବ୍ୟକ୍ତି ଜଣକ ଭାବିଲା ଯେ, ସେ ନଈକୂଳରେ ବୁଲୁଥିବା ସମୟରେ ଜଣେ ବ୍ୟକ୍ତିକୁ ଡାକିଲା, କିନ୍ତୁ ସେ ଶୁଣିଲା ନାହିଁ । ଏହିଭଳି ଶବ୍ଦ ଗୋଟିଏ ହେଲେ ମଧ୍ୟ ତାର ଅର୍ଥ ଦୁଇ ପ୍ରକାରର ବୁଝାଯାଇଥାଏ । ଏହିଭଳି ଗୋଟିଏ ଶବ୍ଦର ଦୁଇଟି ଭାବ (ଅର୍ଥ) ଜନ୍ମ କରାଇବା ଭଳି ରହିଥାଏ । କିଛି ଶବ୍ଦ ଚାରି କିମ୍ବା ପାଞ୍ଚଗୋଟି ଭାବ ଜନ୍ମ କରାଇବା ଭଳି ରହିଥାଏ, ହେଲେ ସମୟ ସନ୍ଦର୍ଭ ଅନୁସାରେ ତାହା ଗ୍ରହଣ କରିବା ଉଚିତ୍ । ଏଠାରେ ଗୋଟିଏ ଶବ୍ଦର ଦୁଇଟି ଅର୍ଥ ଦ୍ୱାରା ଭାବ କିଭଳି ଦୁଇ ପ୍ରକାରର ହେଲା ତାହା ନିଶ୍ଚୟ ବୁଝି ପାରିଥିବେ । ଭାଷା ଲେଖାରେ ଦେଖାଯାଉ କି ଶବ୍ଦରେ ଶୁଣାଯାଉ ସେହି ଭାଷାରେ ଥିବା ଭାବ ବାହ୍ୟ ଜ୍ଞାନେନ୍ଦ୍ରିୟ ଗୁଡିକ ଜାଣି ପାରିନଥାଏ । ଶରୀରରେ ଥିବା ଅନ୍ତଃକରଣ ଗୁଡିକ ଭିତରୁ ଏକୈକ ବୁଦ୍ଧି ଜାଣି ପାରିଥାଏ । ଗୋଟିଏ ଶବ୍ଦର ଚାରି ପାଞ୍ଚୋଟି ଅର୍ଥ ଥିବାବେଳେ ତନ୍ମଧ୍ୟରୁ ମାତ୍ର ଗୋଟିଏ ଅର୍ଥକୁ ବୁଦ୍ଧି ଗ୍ରହଣ କରିଥାଏ ଦୁଇଜଣ ବ୍ୟକ୍ତି ଗୋଟିଏ ଶବ୍ଦକୁ ଦୁଇ ପ୍ରକାରର ବୁଝିବା ଭଳି, ରହିଥିବା ଅର୍ଥ ଭିତରୁ କୌଣସି ଏକ ଅର୍ଥକୁ ବୁଦ୍ଧି ଗ୍ରହଣ କରି ଜୀବକୁ

ଜଣାଇଥାଏ । ଗୋଟିଏ ଶବ୍ଦର ଅଲଗା ଅଲଗା ଅର୍ଥ ତିନିଗୋଟି ଥାଉ, କି ଚାରିଗୋଟି ଥାଉ ତା ଭିତରୁ ବୁଦ୍ଧି ମାତ୍ର ଗୋଟିଏ ଅର୍ଥକୁ ଗ୍ରହଣ କରେ । ଦ୍ୱିତୀୟ ବ୍ୟକ୍ତି ଜଣକ ଗୋଟିଏ ଶବ୍ଦକୁ ଗୋଟିଏ ପ୍ରକାର ଭାବରେ ବୁଝିବା ବେଳେ, ତୃତୀୟ ବ୍ୟକ୍ତି ଜଣକ ଅନ୍ୟ ପ୍ରକାରର ଭାବରେ ବୁଝିପାରେ । ଏହି ଅନୁସାରେ ସମସ୍ତଙ୍କୁ ସମାନ ବୁଝାପଡି ନଥାଏ ବୋଲି ଜଣାଯାଏ ।


ଏହିଭଳି ବୁଦ୍ଧି ଗୋଟିଏ ଭାବକୁ ଗ୍ରହଣ କରୁଥିବା ସମୟରେ ଜୀବ ସେହି ଭାବରେ ରହିଯାଏ । ତେଣୁ ଦୈବଜ୍ଞାନ ମଧ୍ୟ ସମସ୍ତଙ୍କୁ ଅଲଗା ଅଲଗା ବୁଝାପଡୁଥିବା କାରଣରୁ, ମଣିଷ ଜଣେ ଈଶ୍ୱରଙ୍କ ବିଷୟରେ ଭିନ୍ନ ଭିନ୍ନ ଅଭିପ୍ରାୟ ନେଇ ରହିଥାନ୍ତି । ଈଶ୍ୱର ଅଣୁ ଅଣୁରେ ବ୍ୟାପିରହିଛନ୍ତି ବୋଲି ଜଣେ କହିବାବେଳେ, ଈଶ୍ୱର ସର୍ବତ୍ର ନାହାନ୍ତି, ସପ୍ତମ ଆକାଶରେ ଅଛନ୍ତି ବୋଲି ଆଉଜଣେ କହୁଛି । ତା ବୁଦ୍ଧିରେ ତାହା ହିଁ ବୁଝାପଡିଛି । ତେଣୁ ସେ ତାହାକୁ ହିଁ ସତ୍ୟ ବୋଲି କହୁଛି । ବୁଦ୍ଧି ଗୋଟିଏ ଭାବକୁ ଗ୍ରହଣ କରିଥିଲେ ମଧ୍ୟ ତାହା ଦେଖାଯାଏ ନାହିଁ । ବୁଦ୍ଧି ଗ୍ରହଣ କରିଥିବା ଭାବ ମଣିଷକୁ ପ୍ରଭାବିତ କରେ । ତୁ ମଣିଷ ନୁହଁ ଈଶ୍ୱର ବୋଲି ଆଉଜଣକୁ କହିଲେ, ବୁଦ୍ଧି ସେହି ଶୁଣା କଥାରୁ ଭାବକୁ ଗ୍ରହଣ କରି ସେହି ଭାବରୁ ଜନ୍ମ ହେଉଥିବା ପ୍ରଭାବରେ ପ୍ରଭାବିତ ହୋଇ ନିଜକୁ ମିଳୁଥିବା ସମ୍ମାନକୁ ନେଇ ଖୁସି ହୋଇଥାଏ ।

ମଣିଷର ବୁଦ୍ଧି ଭାଷାର ଭାବକୁ ଗ୍ରହଣ କରିବା ବେଳେ, ସେହି ଭାବରୁ ଜନ୍ମହୋଇଥାଏ ପ୍ରଭାବ । ତୁ ମଣିଷ ନୁହେଁ ଈଶ୍ୱର ବୋଲି କହିବାବେଳେ ଶୁଣିଥିବା ପାତ୍ର ଗ୍ରହଣ କରିଥିବା ଭାବ ଅନୁସାରେ ଜୀବ ପ୍ରଭାବିତ ହୋଇ ନିଜକୁ କେହି ଈଶ୍ୱର କହୁଛି ବୋଲି ଖୁସି ହୋଇଥାଏ । ଆଉଏକ ସନ୍ଦର୍ଭରେ ତୁ ମଣିଷ ନୁହଁ ବୋଲି ଶୁଣାଯାଇ, ଈଶ୍ୱର ନାଆଁଟି ଯଦି ଶୁଣାଯାଇ ନାହିଁ, ସେତେବେଳେ ତା ବୁଦ୍ଧି ଯେଉଁ ଭାବକୁ ଗ୍ରହଣ କରେ ସେଥିରେ ତୁ ମଣିଷ ନୁହଁ ପଶୁ ବୋଲି ସେ ବ୍ୟକ୍ତି ନକହିଲେ ମଧ୍ୟ

କହିବା ଭଳି ବୁଝିଥାଏ । ତାର ପ୍ରଭାବ ଦ୍ୱାରା ସେ ମଣିଷ ବଦଳିଯାଇ, ତୁ ମଣିଷ ନୁହଁ ବୋଲି କହିଥିବା ବ୍ୟକ୍ତି ଉପରେ କ୍ରୋଧିତ ହୋଇଥାଏ । ଏକ ଭାଷା ଏକ ଅର୍ଥ ଦେଉଥିଲେ ମଧ୍ୟ, ଶୁଣିବାରେ ବ୍ୟତିକ୍ରମ ରହିଲା ବେଳେ ଭାବରୁ ଜନ୍ମ ହେଉଥିବା ପ୍ରଭାବରେ ପ୍ରଭାବିତ ହୋଇ ମଣିଷ ବଦଳିଯାଇଥାଏ । କୁରୁକ୍ଷେତ୍ର ଯୁଦ୍ଧରେ ଧର୍ମରାଜ ଯୁଧିଷ୍ଠିର "ନରେ ବା କୁଞ୍ଜରେ ଅଶ୍ୱସ୍ଥାମା ହତଃ" ବୋଲି କହିଥିଲେ । ଏହି ବାକ୍ୟରେ ସେ କୁଞ୍ଜର ଶବ୍ଦକୁ ଶ୍ୱଳ୍ପ ଶବ୍ଦରେ କହିବା ଦ୍ୱାରା, ବାକ୍ୟର ଶେଷ ଶବ୍ଦ ଶୁଣି ନପାରିବା ଦ୍ୱାରା, କେବଳ ଅଶ୍ୱସ୍ଥାମା ହତଃ ବୋଲି ଶୁଣିଥିବା ଦ୍ରୋଣାଚାର୍ଯ୍ୟ ଅଶ୍ୱସ୍ଥାମା ନାମକ ତାଙ୍କ ପୁତ୍ର ମୃତ୍ୟୁବରଣ କରିଛି ବୋଲି ଗ୍ରହଣ କରି, ତାର ପ୍ରଭାବରେ ଯୁଦ୍ଧକରିବା ପାଇଁ ନିଶ୍ଚେଷ୍ଟ ହୋଇଯାଇଥିଲେ । ସେଠାରେ ଧର୍ମରାଜଙ୍କ ଦ୍ୱାରା ଅଶ୍ୱସ୍ଥାମା ନାମକ ହସ୍ତି ମୃତ୍ୟୁବରଣ କରିଛି ବୋଲି କୁହାଯାଇଥିଲା, କିନ୍ତୁ ଧର୍ମରାଜଙ୍କ କଥାରୁ କୁଞ୍ଜର ନାମକ ଶବ୍ଦ ଶୁଣାନଯିବା ଦ୍ୱାରା ଅଶ୍ୱସ୍ଥାମା ନାମକ ହସ୍ତି ମୃତ୍ୟୁବରଣ କରିଛି ବୋଲି ଜାଣିନପାରି ନିଜ ପୁତ୍ର ଅଶ୍ୱସ୍ଥାମା ମୃତ୍ୟୁବରଣ କରିଛି ବୋଲି ଭାବିଥିଲେ । ବାହାରୁ ଆସୁଥିବା ଶବ୍ଦ ଜ୍ଞାନେନ୍ଦ୍ରିୟ ହୋଇଥିବା କାନକୁ ଶୁଣାଯିବା ବେଳେ, ତାହା ମନ ଭିତରେ ଥିବା ବୁଦ୍ଧି ପାଖକୁ ପଠାଇଥାଏ । ବୁଦ୍ଧି ଯାହା ଗ୍ରହଣ କରିଥାଏ ତାହା ଜୀବକୁ ଜଣାଇଥାଏ । ବୁଦ୍ଧି ବାହାର ଭାବ ଗ୍ରହଣ କରିବା ବେଳେ, ବୁଦ୍ଧିରୁ ହିଁ ପ୍ରଭାବ ଜନ୍ମ ହୋଇଥାଏ । ନୂଆ ଆସୁଥିବା ଭାବକୁ କୁହାଯାଏ ପ୍ରଭାବ । "ପ୍ର" କହିଲେ ଜନ୍ମହେବା କିମ୍ବା "ପ୍ର" କହିଲେ ମୁଖ୍ୟ ବୋଲି ସମସ୍ତେ ଜାଣନ୍ତି । ବୁଦ୍ଧି ଗ୍ରହଣ କରିଥିବା ଭାବରୁ ପ୍ରଭାବ ଜନ୍ମହେଉଛି । ପ୍ରଭାବ ମଣିଷଠାରେ ପରିବର୍ତ୍ତନ ଆଣି ତାକୁ ସୁଖଦୁଃଖ ଅନୁଭବ କରିବା ଭଳି କରିଥାଏ ।

ଭାବ ଅଲଗା ଏବଂ ପ୍ରଭାବ ଅଲଗା ବୋଲି ଜଣାଯାଉଛି । ତାଛଡା ଭାବ ଅପେକ୍ଷା ପ୍ରଭାବ ମହାନ ବୋଲି ଜଣାଯାଉଛି । ଏବେ ଶରୀର

ଭିତରେ ଥିବା ଗୁଣରାଜି ବାବଦରେ ଜାଣିବା । ପ୍ରଭାବ ଗୁଣଗୁଡିକ ଭିତରେ ହିଁ ଥାଏ । ବାହାର ବିଷୟ କାନ ଦ୍ୱାରା, ମନ ଆଣିଥିବା ବିଷୟ ବୁଦ୍ଧିରେ ପହଞ୍ଚିବା ବେଳେ, ବୁଦ୍ଧି ପାଖରେ ଥିବା ଗୁଣରାଜି, ଆସିଥିବା ଭାବକୁ ନିଜ ପ୍ରଭାବରେ ମିଶାଉଛି । ବୁଦ୍ଧିରେ ବିଷୟ ଭାବ ପହଞ୍ଚୁ ପହଞ୍ଚୁ, ଗୁଣରାଜି ହିଁ ବୁଦ୍ଧିରେ ଆସି ରହୁଥିବା ଭାବକୁ ପ୍ରଭାବିତ କରିଦେଇଥାନ୍ତି । ତେଣୁ ବୁଦ୍ଧି ପାଖରେ ହିଁ ଭାବ, ପ୍ରଭାବ ତିଆରି ହୋଇଥାଏ । ଶରୀରରେ ବୁଦ୍ଧି ଜୀବକୁ ଲାଗିରହିଥିବା ଏକ ପରଦା ଭଳି ରହିଥାଏ । ଜୀବ ଏକ ବର୍ତ୍ତୁଳାକାର ପଦାର୍ଥ ଭଳି ତିନି ପରସ୍ତ (ତିନିଗୋଟି ପରଦା) ହୋଇ ରହିଥାଏ । ଅର୍ଥାତ୍ ତିନିଗୋଟି ପରଦା ଭିତରେ ଜୀବ ରହିଥାଏ, ଉପର ତିନି ପରଦା ଭିତରେ ଥିବା ଶୁନ୍ୟସ୍ଥାନ ହିଁ ଜୀବ । ଏହିଭଳି ଗୋଲାକାର ଜୀବ ଗୁଣଚକ୍ରର ଗୁଣରାଜି ଭିତରେ ନିବାସ କରିଥାଏ । ଜୀବ ରହିଥିବା ସ୍ଥିତିକୁ ଦୃଶ୍ୟ ରୂପରେ ଦେଖି ବୁଝିବାକୁ ହେଲେ ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ବୁଝିପାରିବେ ।




ଉପର ଚିତ୍ରରେ ତାମସ ଗୁଣଭାଗରେ ଜୀବାତ୍ମା ରହିଛି । ତାମସ, ରାଜସ, ସାତ୍ତ୍ୱିକ ନାମକ ତିନି ଗୁଣଭାଗର ପ୍ରତ୍ୟେକ ଭାଗରେ ୧୨ଗୋଟି

ଲେଖାଏଁ ଗୁଣ ରହିଥାଏ । ବାରଗୋଟି ଗୁଣର ବାରଗୋଟି ପ୍ରଭାବ ରହିଥାଏ । ଜୀବକୁ ଲାଗି ରହିଥିବା ବୁଦ୍ଧିପରଦାରେ ବାହାରର ବିଷୟ-ଭାବ ଆସି ପହଞ୍ଚୁ ପହଞ୍ଚୁ ସେହି ଭାବର ଉପଯୁକ୍ତ ପ୍ରଭାବ ଗୁଣଭାଗ ସାରା ପୂର୍ଣ୍ଣହୋଇ ରହିଥାଏ ଏବଂ ଜୀବ ମଧ୍ୟ ତାରି ଭିତରେ ରହିଥାଏ । ଜୀବ ପ୍ରଭାବ ଗୁଡିକର ପରିଧି ଭିତରେ ଥିଲେ ମଧ୍ୟ ବାହାରୁ କୌଣସି ବିଷୟ ଆସି ପହଞ୍ଚିବା ପର୍ଯ୍ୟନ୍ତ କୌଣସି ଗୁଣପ୍ରଭାବ ଜୀବକୁ ପ୍ରଭାବିତ କରିପାରେ ନାହିଁ । କୌଣସି ବିଷୟର ଭାବ ମନ ପାଖରୁ ଆସି ବୁଦ୍ଧିରେ ପହଞ୍ଚିବା କ୍ଷଣରେ, ଆସିଥିବା ବିଷୟ ଉପଯୋଗୀ ଗୁଣର ପ୍ରଭାବ ବୁଦ୍ଧିରେ ପହଞ୍ଚି, ବୁଦ୍ଧିଠାରେ ଉପୁଜୁଥିବା ଭାବକୁ ପ୍ରଭାବିତ କରିଥାଏ । ଏଭଳି ସୃଷ୍ଟି ହେଉଥିବା ପ୍ରଭାବ ଦ୍ୱାରା କାର୍ଯ୍ୟ ଘଟିବା, ଜୀବ ଦୁଃଖ ସୁଖ ଅନୁଭବ କରିବା ଘଟିଥାଏ ।

ଭାବ ଦେଖାଯାଏ ନାହିଁ, ସେହିଭଳି ପ୍ରଭାବ ମଧ୍ୟ ଦେଖାନଯାଇ ଜୀବର ବୁଦ୍ଧି ଉପରେ, ଜୀବ ଉପରେ ପ୍ରଭାବ ଆଣିଥାଏ, ତାହା ଖୁବ୍ ବଳଶାଳୀ ହୋଇଥାଏ । କେତେ ବଳଶାଳୀ ପ୍ରଭାବକୁ ଗୁଣ ଜୀବ ଉପରେ ପକାଇଥାଏ ବୋଲି ପ୍ରଶ୍ନକଲେ, ତାର ଜବାବରେ ଗୁଣଚକ୍ର ଅପେକ୍ଷା ଗୁଣଚକ୍ରର ଉପରେ ଥିବା କର୍ମଚକ୍ରରେ ଥିବା କର୍ମ ଅନୁସାରେ ଗୁଣ ପ୍ରଭାବର ବଳ ରହିଥାଏ ବୋଲି କହିପାରିବା । ଗୋଟିଏ ବିଷୟ ଦୁଇଜଣଙ୍କ ପାଖରେ ପହଞ୍ଚିବା ବେଳେ, ସେମାନଙ୍କ କର୍ମ ଅନୁସାରେ ସେମାନେ ପ୍ରଭାବିତ ହେବେ, ସେମାନଙ୍କଠାରେ ଉପୁଜୁଥିବା ପ୍ରଭାବ ମଧ୍ୟ ସେହି ଅନୁସାରେ ଆସିବ, ସେହି ଅନୁସାରେ ସେମାନେ ଦୁଃଖସୁଖକୁ ଅନୁଭବ କରିବେ । ଦୁଇଜଣ ସମାନ ଭାବରେ ଦୁଃଖସୁଖକୁ କାହିଁକି ଅନୁଭବ କରନ୍ତି ନାହିଁ କହିଲେ,ସେମାନଙ୍କ କର୍ମ ହିଁ କାରଣ ବୋଲି ଜଣାଯାଇଥାଏ । ଏହିଭଳି ଜଣେ ମଣିଷ ମୁଁ ଏହି ପ୍ରକାରର ସୁଖକୁ ଅନୁଭବ କରିବି, କିମ୍ବା କଷ୍ଟକୁ ଅନୁଭବ କରିବି ବୋଲି ଭାବିଲେ ପ୍ରଥମେ ମନ ଦ୍ୱାରା ବିଷୟ ତା

ଭିତରକୁ ପ୍ରବେଶ କରିଥାଏ । ପ୍ରବେଶ କରିଥିବା ବିଷୟ ବୁଦ୍ଧି ପାଖରେ ପ୍ରଭାବିତ ହୋଇଥାଏ, ଗୁଣପ୍ରଭାବ ଉପର କର୍ମଚକ୍ର କର୍ମ ଅନୁସାରେ ବଳଶାଳୀ ହୋଇ ଜୀବକୁ ପ୍ରଭାବିତ କରିଥାଏ, ସେତେବେଳେ କର୍ମ ଦ୍ୱାରା ବଢିଥିବା ପ୍ରଭାବ ଯେତିକି ଥିବ ଜୀବ ସେତିକି ଦୁଃଖ କିମ୍ବା ସୁଖକୁ ଅନୁଭବ କରିଥାଏ । ଏହା ଶରୀର ଭିତରେ କାହାକୁ ଜଣାନପଡି ଘଟୁଥିବା କାର୍ଯ୍ୟ ବୋଲି ଜଣାଉଛୁ ।

**ପ୍ରଶ୍ନ:-** କେତେ ନାମଖ୍ୟାତି ଥିବା ସ୍ୱାମୀଜୀମାନେ, ପ୍ରବକ୍ତାମାନେ, ବୋଧକ, ଧର୍ମଗୁରୁମାନେ, ସ୍ୱଚ୍ଛ ନିଷ୍ଠାବାନମାନେ, ଏକାଗ୍ରଚେତାମାନେ, ଜ୍ଞାନମାର୍ଗରେ ସତ୍ ଆଚରଣ କରୁଥିବା ଲୋକମାନେ ଅନେକ ଥାଇ ମଧ୍ୟ କେହି କହି ପାରୁନଥିବା ବିଷୟ, ସେମାନଙ୍କୁ ଜଣା ନାହିଁ ବୋଲି ଆପଣ କହିଲେ ଆମେ କିପରି ବିଶ୍ୱାସ କରିବୁ ?

**ଉତ୍ତର:-** ଆମେ କହୁଥିବା ବିଷୟ ସମସ୍ତେ ବିଶ୍ୱାସ କରନ୍ତୁ ବୋଲି ଆମେ କେଉଁଠି ମଧ୍ୟ କହି ନାହୁଁ । ଏଠାରେ ମଧ୍ୟ କେହି କହୁନଥିବା ବିଷୟ କହୁଛୁ ବୋଲି କହିଛୁ ସିନା, ଆମ କଥା ସତ୍ୟ ତାହା ସମସ୍ତେ ବିଶ୍ୱାସ କରନ୍ତୁ ବୋଲି କହିନାହୁଁ । କେହି ଜଣେ ବିଶ୍ୱାସ କରିବାକୁ, କିମ୍ବା ନକରିବାକୁ ତା ଭିତରେ କଣ ସବୁ ଘଟୁଛି, ସେ କିପରି ବିଶ୍ୱାସ କରିବ, କିପରି କରିବ ନାହିଁ ତାହା ଆମେ ଜାଣିଛୁ । ତେଣୁ ସେମାନଙ୍କ ମୁଣ୍ଡ ଭିତରେ ଘଟୁଥିବା କାର୍ଯ୍ୟ ଅନୁସାରେ କେତେଜଣ ବିଶ୍ୱାସ କରିପାରିବେ, କେତେଜଣ କରି ପାରିବେ ନାହିଁ ବୋଲି ମଧ୍ୟ ଆମେ ଜାଣିଛୁ । ଏ ବିଷୟ ଆପଣ ଆଉ ଭଲରେ ବୁଝନ୍ତୁ ବୋଲି ଆଉଗୋଟିଏ କଥା କହୁଛି । ଏହାପୂର୍ବରୁ ବାହାରୁ ଆସୁଥିବା ବିଷୟେ ଶରୀର ଭିତରେ ଥିବା ଜୀବ ପାଖରେ ପହଞ୍ଚେ ବୋଲି କହିଥିଲୁ । ଏବେ ଗ୍ରନ୍ଥ ରୂପରେ ପଢୁଥିବା ବିଷୟେ ମଧ୍ୟ ଶରୀର ଭିତରର ଜୀବ ପାଖରେ ଥିବା ବୁଦ୍ଧି ପାଖରେ ପହଞ୍ଚୁଛି । ହେଲେ ଭିତରକୁ ପ୍ରବେଶ କରୁଥିବା ବିଷୟଗୁଡିକ ଭିତରେ ପ୍ରବେଶ କରିବା ଆଗରୁ ତାହା ମନ

ପାଖରେ ଦୁଇ ଭାଗରେ ବିଭାଜିତ ହୋଇଯାଉଛି । ତାହା ହେଉଛି ଗୋଟିଏ ପରମାତ୍ମା ବିଷୟ, ଆଉ ଗୋଟିଏ ପ୍ରକୃତି ବିଷୟ ବା ଭୌତିକ ବିଷୟ । ଏହି ଭୌତିକ ବିଷୟ ଭିତରକୁ ପ୍ରବେଶ କଲେ ଏହା ପୂର୍ବରୁ ଉପରେ ଯେଉଁ ପଦ୍ଧତି ବାବଦରେ କହିଥିଲୁ ସେହି ଅନୁସାରେ ହୋଇଥାଏ । ଅର୍ଥାତ୍ ପ୍ରଥମେ ବୁଦ୍ଧିରେ ପ୍ରବେଶ କରିବା, ତାହା ଗୁଣ ପ୍ରଭାବ ହୋଇ ବଦଳିବା, ତାହା କର୍ମର ଅଧିନରେ ହେବା, ଜୀବ ଦୁଃଖସୁଖ ଅନୁଭବ କରିବା ଇତ୍ୟାଦି ଘଟିଥାଏ । ଏଠାରେ ଭୌତିକ ବିଷୟକୁ ବିଶ୍ୱାସ କରିବା, ନକରିବା କର୍ମ ଅଧିନରେ ରହିଥାଏ । ଭିତରେ ଥିବା କର୍ମ ଅନୁସାରେ କୌଣସି ବିଷୟ ହେଉ ବିଶ୍ୱାସ କରିବା କିମ୍ବା ବିଶ୍ୱାସ ନକରିବା ଘଟିଥାଏ । ଭୌତିକ ବିଷୟରେ ସେ ନିଶ୍ଚୟ ବିଶ୍ୱାସ କରିବ କିମ୍ବା ନିଶ୍ଚୟ ବିଶ୍ୱାସ କରିବ ନାହିଁ ବୋଲି କହିପାରିବା ନାହିଁ । କାରଣ ! ତାହା କର୍ମାଧିନରେ ରହିଥାଏ ।

ଦୈବବିଷୟ ବା ପରମାତ୍ମା ବିଷୟ କହିଲେ, ଆଧ୍ୟାତ୍ମିକ ବିଷୟ । ଏଗୁଡିକ ମନ ଦ୍ୱାରା ହିଁ ଭିତରକୁ ଯାଇଥାଏ । ଭୌତିକ ବିଷୟ ଶେଷରେ ଜୀବ ପାଖରେ ପହଞ୍ଚୁଥିବା ଭଳି ପରମାତ୍ମା ବିଷୟ ବା ଦୈବିକବିଷୟ ମଧ୍ୟ ଭିତରେ ଥିବା ଜୀବ ପାଖରେ ପହଞ୍ଚିଥାଏ । ଆଧ୍ୟାତ୍ମିକ ବିଷୟ କାନରେ ଶୁଣାଯାଇ କିମ୍ବା ଆଖିରେ ଦେଖାଯାଇ ବା ପାଠ କରାଯାଇ ଭିତରକୁ ପ୍ରବେଶ କଲାବେଳେ, କାନ, ଆଖିକୁ ଲାଗିରହିଥିବା ମନ ସେହି ବିଷୟଗୁଡିକୁ ନେଇ ଭିତରେ ଜୀବ ପାଖରେ ଥିବା ବୁଦ୍ଧିଠାରେ ପହଞ୍ଚାଇଥାଏ । ବୁଦ୍ଧିରେ ପହଞ୍ଚିଥିବା ବିଷୟ ଜୀବ ପାଖରେ ପହଞ୍ଚିବା ଭଳି ହୋଇଥାଏ । ପହଞ୍ଚିଥିବା ବିଷୟ ଦୈବ ସମ୍ବନ୍ଧୀୟ ଜ୍ଞାନ ହୋଇଥିବାରୁ, ସେଠାରେ ଦୈବଜ୍ଞାନ ଉପରେ କର୍ମ କାର୍ଯ୍ୟ କରିନଥାଏ । ତେଣୁ ଗୁଣ ବିଷୟ ଜ୍ଞାନ ଉପରେ ନଥାଏ । ଭୌତିକ ବିଷୟ ହେଲେ ତାହା କର୍ମାଧିନ ହୋଇ, ଗୁଣ ପ୍ରଭାବରେ ବୁଡି, ଶେଷରେ କର୍ମ ଅନୁସାରେ ବିଶ୍ୱାସ କରିବା, ନକରିବା ଘଟିଥାଏ । ଏଠାରେ ଏହା ଜ୍ଞାନ ବିଷୟ । ଜ୍ଞାନ କର୍ମାତୀତ ଭାବରେ ରହିଥାଏ । ତେଣୁ

ଜ୍ଞାନ ବିଷୟ ଉପରେ କର୍ମ କାର୍ଯ୍ୟ କରୁନଥିବାରୁ, କର୍ମକୁ ଅନୁସରଣ କରି ରହିଥିବା ଗୁଣଗୁଡିକ ମଧ୍ୟ କାର୍ଯ୍ୟ କରିନଥାନ୍ତି । ମଣିଷର ଜ୍ଞାନ ବିଷୟ ସହିତ ସମ୍ବନ୍ଧୀତ ହୋଇ ରହିଥାଏ ଶ୍ରଦ୍ଧା । ଯେତେବେଳେ ଭିତରକୁ ଜ୍ଞାନ ବିଷୟ ଯାଏ ସେତେବେଳେ ମଣିଷର (ଜୀବର) ଶ୍ରଦ୍ଧା ଅନୁସାରେ ତାହା ସେ ବିଶ୍ୱାସ କରିପାରେ, କିମ୍ବା ନ କରିପାରେ । "ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ" ନାମକ ଗୀତାବାକ୍ୟ ଅନୁସାରେ ଦୈବଜ୍ଞାନ ଉପରେ ଶ୍ରଦ୍ଧା ଥିଲେ ସେହି ଶ୍ରଦ୍ଧା ଅନୁସାରେ ସେ ବିଶ୍ୱାସ କରିଥାଏ । ସମ୍ପୂର୍ଣ୍ଣ ଶ୍ରଦ୍ଧା ଥିଲେ ଜ୍ଞାନ ବିଷୟକୁ ସମ୍ପୂର୍ଣ୍ଣ ବିଶ୍ୱାସ କରିବା, କମ୍ ଥିଲେ କମ୍ ବିଶ୍ୱାସ କରିବା ଘଟିଥାଏ । ଯଦି ତାର ଆଦୌ ଶ୍ରଦ୍ଧା ନଥାଏ ତେବେ ସେ ଜ୍ଞାନ ବିଷୟକୁ ଆଦୌ ବିଶ୍ୱାସ କରିପାରେ ନାହିଁ । ତେଣୁ ଯାହାର ଶ୍ରଦ୍ଧା ନାହିଁ ତାକୁ ଜ୍ଞାନ ମିଳିପାରେ ନାହିଁ ବୋଲି ବଡମାନେ କହିଥାନ୍ତି । ଶ୍ରଦ୍ଧା ଅନୁସାରେ ଜ୍ଞାନ ଥିବାରୁ, ଏବେ ଆମେ କହୁଥିବା ବିଷୟ ଆପଣଙ୍କ ଭିତରେ ପ୍ରବେଶ କଲେ ମଧ୍ୟ, ତାହା ଆପଣଙ୍କ ଶ୍ରଦ୍ଧା ଅନୁସାରେ ଆପଣ ବିଶ୍ୱାସ କରିବା, ନକରିବା ଘଟିବ । ଏସବୁ ଜାଣିଥିବା ମୁଁ ଆପଣ ବିଶ୍ୱାସ କରନ୍ତୁ ବୋଲି କାହିଁକି କହିବି ? ଆପଣଙ୍କ ଶ୍ରଦ୍ଧା ଅନୁସାରେ ମୁଁ କହୁଥିବା ଜ୍ଞାନକୁ ଆପଣ ବିଶ୍ୱାସ କରିପାରନ୍ତି, ନ କରିପାରନ୍ତି ।

**ପ୍ରଶ୍ନ:-** ଗୁଣଚକ୍ରରେ ଗୁଣଗୁଡିକ ଯଥା ସ୍ଥିତିରେ ଥିଲେ ମଧ୍ୟ ସେଗୁଡିକର ପ୍ରଭାବ ସାରା ଗୁଣଚକ୍ରରେ ଥାଇ, ବାହାରୁ ଆସୁଥିବା ବିଷୟ ବୁଦ୍ଧିରେ ପହଞ୍ଚିବା ଦ୍ୱାରା, ସେଠାରେ ଆବଶ୍ୟକୀୟ ଗୁଣପ୍ରଭାବ ସୃଷ୍ଟିହୁଏ, ତାହା ତାର କର୍ମ ଅନୁସାରେ ଯେତିକି ଅନୁଭବ କରିବାକୁ ଥିବ ସେହି ଅନୁସାରେ ପ୍ରଭାବ ବଳଶାଳୀ ହୋଇ ଜୀବ ଉପରେ ପ୍ରଭାବ ଆଣିଥାଏ ବୋଲି କହିଛନ୍ତି । ତାହେଲେ ଜୀବ ଉପରେ ଗୁଣଗୁଡିକ ପ୍ରଭାବ ଆଣିଥାନ୍ତି ? କି କର୍ମ ଆଣିଥାଏ ?

**ଉତ୍ତର:-** ମଣିଷ ଯାହାକିଛି ଅନୁଭବ କରିଥାଏ ତାହା କର୍ମ ଅନୁସାରେ

କରିଥାଏ; ତଥାପି ଅନୁଭବ ଗୁଡିକ ଗୁଣଗୁଡିକର ପ୍ରଭାବରେ ହୋଇଥାଏ । ମଣିଷ ଉପରେ ଗୁଣଗୁଡ଼ିକର ପ୍ରଭାବ ପଡିଥାଏ ସିନା କର୍ମ ପ୍ରଭାବ ନଥାଏ, ତେଣୁ କେହି ତାର କେଉଁ ଗୁଣ ଦ୍ୱାରା ଦୁଃଖ କି ସୁଖ ଅନୁଭବ କରୁଛି ଜାଣିପାରେ ସିନା, କେଉଁ କର୍ମ କାରଣରୁ ଅନୁଭବ କରୁଛି ଜାଣିପାରେ ନାହିଁ । କୌଣସି ଦୁଃଖ ସୁଖ ପଛରେ କର୍ମର କାରଣ ଥିଲେ ମଧ୍ୟ ତାହା କେଉଁ କର୍ମର, କିଭଳି କର୍ମର ବୋଲି ଜାଣିପାରେ ନାହିଁ । ମଣିଷ ଅନୁଭବ କରୁଥିବା କୌଣସି ଦୁଃଖ କେଉଁ ଗୁଣ ଦ୍ୱାରା ଭୋଗୁଛି କହିପାରିବ । ତେଣୁ ଅନୁଭବ କରୁଥିବା କୌଣସି ଦୁଃଖସୁଖ କର୍ମ କାରଣରୁ ହେଉଥିଲେ ମଧ୍ୟ, ତାହା ସିଧା ମଣିଷ ଉପରେ ନପଡି, ଗୁଣକୁ ଉପଯୋଗ କରି ଅନୁଭବ କରାଇଥାଏ । ତେଣୁ ମଣିଷ ଉପରେ ଗୁଣ ପ୍ରଭାବ ଥାଏ ସିନା, ସିଧା କର୍ମ ପ୍ରଭାବ ନଥାଏ ବୋଲି ଜଣାଯାଉଛି । ତାଛଡା ଗୁଣପ୍ରଭାବ କର୍ମ ଅନୁସାରେ ବଳଶାଳୀ କିମ୍ବା ବଳହୀନ ହୋଇଥାଏ ବୋଲି କହିପାରିବା । କର୍ମ ବଳୁଆ ଥିଲେ ଗୁଣପ୍ରଭାବ ମଧ୍ୟ ବଳୁଆ ହୋଇଥାଏ ।

**ପ୍ରଶ୍ନ:-** କର୍ମ ଅନୁସାରେ ଗୁଣପ୍ରଭାବ ବଢିଥାଏ ବୋଲି କହୁଛନ୍ତି ! କର୍ମ ଯେତିକି ବଳଶାଳୀ ହୋଇଥାଏ ଗୁଣ ସେତିକି ବଳଶାଳୀ ହୋଇଥାଏ ବୋଲି କଣ କିଛି ଆଧାର ଥାଏ ? କର୍ମ ଅନୁସାରେ ଗୁଣପ୍ରଭାବ ବଢିଥାଏ କହିବା ପାଇଁ କଣ କିଛି ଶାସ୍ତ୍ରାଧାର ଅଛି ?

**ଉତ୍ତର:-** ସୁଖ ହେଉ, ଦୁଃଖ ହେଉ ମଣିଷ ଅନୁଭବ କରିବାବେଳେ ତାର କାରଣ କର୍ମ ହେଲେହେଁ, ସେ କର୍ମ କଅଣ କାହାକୁ ଜଣାନଥାଏ । କେତେକ କର୍ମ କାରଣରୁ ସୁଖଦୁଃଖ ଅନୁଭବ କରନ୍ତି ବୋଲି ଜାଣନ୍ତି ନାହିଁ । ଆଉ କିଛି ଲୋକ ସବୁ କାର୍ଯ୍ୟପାଇଁ, ସବୁ ସୁଖପାଇଁ, ସବୁ ଦୁଃଖପାଇଁ କର୍ମ କାରଣ ହୋଇ ରହିଛି ବୋଲି କହିଲେ ମଧ୍ୟ, ଘଟୁଥିବା କାର୍ଯ୍ୟରେ ସେମାନଙ୍କୁ ଗୁଣ ଗୋଚର ହୋଇଥାଏ ସିନା, କର୍ମ କାହାକୁ ଦେଖାଯାଇ ନଥାଏ । ତେଣୁ କର୍ମ କେତେ ଥିଲେ କେତେ ଦୁଃଖ, କେତେ ସୁଖ, କେତେ କଷ୍ଟ ଅନୁଭବ

କରିବା କାହାକୁ ଜଣାନଥାଏ । ଗୁଣ ଅନୁସାରେ କାର୍ଯ୍ୟ, ଗୁଣ ଅନୁସାରେ ସୁଖଦୁଃଖ ବୋଲି ପ୍ରାୟ ସମସ୍ତେ ବୁଝନ୍ତି । ହେଲେ ବ୍ରହ୍ମବିଦ୍ୟା ଶାସ୍ତ୍ର (ଧର୍ମଶାସ୍ତ୍ର) ଅନୁସାରେ ଏକ ଗୁଣପାଇଁ ଏକ କର୍ମ ନାମକ ସୂତ୍ର ଅନୁସରଣ କରି ଗୁଣ ପଛରେ କର୍ମ ଅଛି ବୋଲି ଜଣାଯାଉଛି । କର୍ମ ବିଷୟରେ ଜାଣିବାକୁ ହେଲେ କର୍ମଚକ୍ର ବିଷୟରେ ଜାଣିବାକୁ ହେବ । କର୍ମଚକ୍ରରେ କର୍ମଗୁଡିକ ଗୁଣ ଅନୁସାରେ ସୃଷ୍ଟିହୁଅନ୍ତି । ଭଲ ଗୁଣ ଅନୁସାରେ ଭଲକର୍ମ କୁହାଯାଉଥିବା ପୁଣ୍ୟ, ଖରାପ ଗୁଣ ଅନୁସାରେ ଖରାପକର୍ମ କୁହାଯାଉଥିବା ପାପ ସୃଷ୍ଟିହୋଇ କର୍ମଚକ୍ରରେ ରହିଯାଆନ୍ତି । ଏହିଭଳି ରହିଥିବା କର୍ମ କାରଣରୁ ପୁଣି ଗୁଣପ୍ରଭାବ ବଢୁଛି । ତେଣୁ କର୍ମ ଦ୍ୱାରା ଗୁଣ, ଗୁଣ ଦ୍ୱାରା କର୍ମ ଅଭିନ୍ନଭାବ ସମ୍ପର୍କ ରଖି ରହିଥାନ୍ତି ବୋଲି କହିପାରିବା ।

କର୍ମ ଆଗରୁ ଅଛି, କି ଗୁଣ ଆଗରୁ ଅଛି ବୋଲି କହିବା ମଧ୍ୟ ଅସମ୍ଭବ ହୋଇପଡୁଥିବା ପଦ୍ଧତିକୁ ଜାଣିବାପାଇଁ ପ୍ରଥମେ କର୍ମକୁ ନେଇ ଉପରେ ଥିବା କର୍ମଚକ୍ରରୁ ପରିଶୀଳନ ଆରମ୍ଭ କରିବାକୁ ପଡିଥାଏ । କର୍ମଚକ୍ରକୁ ଜ୍ଞାନଦୃଷ୍ଟିରେ ଦେଖିପାରିଲେ ତାହା ୧୨ଭାଗର ବୋଲି ଜଣାଯାଏ । ୧୨ଭାଗରେ ବିଭାଜିତ ହୋଇ ରହିଥିବା କର୍ମଚକ୍ରରେ ମୁଖ୍ୟତଃ ୧୨ଗୋଟି କର୍ମ ରହିଥାଏ । ମଣିଷ ଜନ୍ମହେବାଠାରୁ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ତାକୁ ଏହି ୧୨ଗୋଟି କର୍ମ ହିଁ ଶାସନ କରି ଜୀବନ ନିର୍ବାହ କରାଇଥାଏ । ଏହି ୧୨ଭାଗର କର୍ମଚକ୍ରର ପ୍ରତ୍ୟେକ ଭାଗରେ ଗୋଟିଏ ଗୋଟିଏ କର୍ମ ରହିଥାଏ । ସେହିଭଳି ପ୍ରତ୍ୟେକ ଭାଗର କର୍ମ ନଅ ଭାଗରେ ବିଭାଜିତ ହୋଇ ରହିଥାଏ । ଏହିଭଳି ଗୋଟିଏ ଗୋଟିଏ ଭାଗର କର୍ମ ୯(ନଅ) ଭାଗରେ ରହିବା ଦ୍ୱାରା ମୋଟ ୧୨ଗୋଟି ଭାଗରେ ଥିବା କର୍ମ ସଂଖ୍ୟା ୧୨ର ନଅଗୁଣ =୧୦୮ ଗୋଟି ରହିଥାଏ ।

କର୍ମଚକ୍ର ତଳେ ଥିବା ଗୁଣଚକ୍ରର ପ୍ରତ୍ୟେକ ଭାଗରେ ୧୨ଗୋଟି ଗୁଣ ରହିଥାଏ । ୧୨ଗୋଟି ଲେଖାଏଁ ରହିଥିବା ଗୁଣ ମଧ୍ୟ ପ୍ରତ୍ୟେକ ନଅ

ଭାଗରେ ବିଭାଜିତ ହୋଇ ରହିଥାନ୍ତି । ଏହିଭଳି ୧୨ଗୋଟି ଗୁଣ ନଅ ନଅ ଭାଗରେ ରହିବା ଦ୍ୱାରା ମୋଟ ଗୁଣସଂଖ୍ୟା ମଧ୍ୟ ୧୦୮ ହୋଇଥାଏ । ଉପରେ ଥିବା କର୍ମଚକ୍ରର କର୍ମ ୧୦୮ଭାଗ ହୋଇ ରହିଥିବା ସ୍ଥଳେ, ତଳେ ଗୁଣଚକ୍ରରେ ଥିବା ୧୨ଗୋଟି ଗୁଣ ମଧ୍ୟ ନଅ ନଅ ଭାଗରେ ବିଭାଜିତ ହୋଇ ୧୦୮ ଗୋଟି ଗୁଣ ହୋଇ ରହିଥାଏ । ଉପରେ କର୍ମଚକ୍ରରେ କର୍ମ, ତଳେ ଗୁଣଚକ୍ରରେ ଗୁଣ ସମାନ ସମାନ ହୋଇ ରହିଛନ୍ତି ବୋଲି ଜାଣିଲେ । ମଣିଷ ଶରୀରରେ ବାହାର ବିଷୟ କାନରେ ଶୁଣିବା ଦ୍ୱାରା ହେଉ କିମ୍ବା ଆଖିରେ ଦେଖିବା ଦ୍ୱାରା ହେଉ ତାହା ଯେତେବେଳେ ଶରୀରରେ ପ୍ରବେଶ କରେ ସେତେବେଳେ ଶରୀରରେ ଜ୍ଞାନେନ୍ଦ୍ରିୟ ଗୁଡିକ ପର୍ଯ୍ୟନ୍ତ ବ୍ୟାପିରହିଥିବା ମନ ସେହି ବିଷୟଗୁଡିକୁ ଗ୍ରହଣ କରି ମୁଣ୍ଡରେ ଥିବା ବୁଦ୍ଧି ପାଖରେ ପହଞ୍ଚାଏ । ବୁଦ୍ଧିରେ କୌଣସି ବିଷୟ ପହଞ୍ଚିବା କ୍ଷଣରେ ତା ସମ୍ବନ୍ଧୀୟ ଗୁଣପ୍ରଭାବ କର୍ମ ଅନୁସାରେ ବୁଦ୍ଧିରେ ପହଞ୍ଚେ । ଉଦାହରଣ ସ୍ୱରୂପ ଏକ ବେପାର ବିଷୟ ବାବଦରେ ଶୁଣିବା ବେଳେ, ସେ ବିଷୟ ବୁଦ୍ଧିରେ ପହଞ୍ଚିବା ବେଳେ ତା ସମ୍ବନ୍ଧୀୟ ଗୁଣ ହୋଇଥିବା ଆଶା ବା କାମଗୁଣ ବେପାର ଲାଭ ସମ୍ବନ୍ଧୀୟ ହୋଇଥିବାରୁ, ଆଶା ଗୁଣର ନଅ ଭାଗରୁ ସବୁଠାରୁ ବଡ ହୋଇଥିବା ଗୁଣପ୍ରଭାବ ବୁଦ୍ଧିକୁ ପ୍ରଭାବିତ କରିଥାଏ । ଏଠାରେ ମୁଖ୍ୟକଥା ଜାଣିବା ଦରକାର ଯେ ! ସେଠାରେ ବୁଦ୍ଧିରେ ପ୍ରବେଶ କରିଥିବା କୌଣସି ଗୁଣ ନିଜର ୧୨ଗୁଣ ବଳରେ ବୁଦ୍ଧି ଉପରେ ପ୍ରଭାବ ସୃଷ୍ଟି କରିଥାଏ । ବୁଦ୍ଧିରେ ପ୍ରଭାବ ପଡିବା ଆସିବା ଜୀବ ଉପରେ ପ୍ରଭାବ ପଡିବା ଗୋଟିଏ କଥା । କାହିଁକିନା ! ଜୀବ ବୁଦ୍ଧିରୁ ହିଁ ସବୁକିଛି ଗ୍ରହଣ କରିଥାଏ । ଏହିଭଳି ନଅଗୋଟି ଆଶାଗୁଣ (କାମଗୁଣ) ଭିତରୁ ସବୁଠାରୁ ବଡ ଆଶାଗୁଣ ସେହି ବିଷୟରେ ପ୍ରବେଶ କରି ପ୍ରଭାବ ଦେଖାଇବାବେଳେ, ସେହି ପ୍ରଭାବ ୧୨ଗୁଣର ହୋଇ ଜୀବକୁ ପ୍ରଭାବିତ କରୁଛି । ବୁଦ୍ଧିକୁ ଲାଗି ରହିଥିବା କୌଣସି ଗୁଣ ଉପରେ ଥିବା କର୍ମ ଅନୁସାରେ ଏହିଭଳି ବାରଗୁଣରେ ଗୁଣିହୋଇ ସେତିକି ବଳର ପ୍ରଭାବ ଆଣୁଛି । ବାର ଗୁଣରେ

ଗୁଣିହେଉଥିବାରୁ ସେଠାରେ ପ୍ରବେଶ କରିଥିବା ଆଶା ନାମକ ଭାବକୁ ଆମେ ଆଶାଗୁଣ ବା କାମଗୁଣ କହୁଛେ । ଗୁଣିହେଉଥିବାରୁ ତାର ନାମ ଗୁଣ । ୧୦୮ ଭାଗରେ ଥିବା ପ୍ରତ୍ୟେକ ଗୁଣ ବୁଦ୍ଧିରେ ପ୍ରବେଶ କରିବାବେଳେ, ସେଠାରେ ତାର ଭାବ ବାର ଗୁଣରେ ଗୁଣି ହେଉଥିବାରୁ ପ୍ରତ୍ୟେକ ଭାବକୁ ଏକ ଏକ ଗୁଣ ବୋଲି କହୁଛେ ।

ପ୍ରତ୍ୟେକ ଗୁଣ ତାର ପ୍ରଭାବକୁ ବାରଗୁଣ ବଢାଇ ଜୀବ ଉପରେ ଆଲୋଡନ ଆଣିଲେ ମଧ୍ୟ, ୧୦୮ଗୁଣରୁ କୌଣସି ଗୁଣ ଦ୍ୱାରା ଆସୁଥିବା ପାପ ହେଉ ପୁଣ୍ୟ ହେଉ ତାହା ୧୦୮ କର୍ମ ଭାବରେ ବଦଳି କର୍ମଚକ୍ରରେ ଗଚ୍ଛିତ ହେଉଛି । କର୍ମଚକ୍ରର ୧୦୮ କର୍ମ ତଳେ ଥିବା ୧୦୮ ଗୁଣ କାରଣରୁ ସୃଷ୍ଟି ହୋଇଥାଏ ବୋଲି ଜାଣିବା ଉଚିତ୍ । ଗୁଣଚକ୍ରର ଆଶା ନାମକ ଗୁଣ ନଅ ଭାଗରେ ବିଭାଜିତ ହୋଇ ବଡଗୁଣରୁ ଆରମ୍ଭ ହୋଇ ପରିମାଣରେ ଛୋଟ ଗୁଣ ପର୍ଯ୍ୟନ୍ତ ରହିଥାଏ । ଗୋଟିଏ ଗୁଣ ନଅ ଭାଗରେ ବିଭାଜିତ ହେବାବେଳେ ଶେଷରେ ଥିବା ଛୋଟଗୁଣର ଦୁଇଭାଗ ବଡହୋଇ ଅଷ୍ଟମ ଗୁଣ ରହିଥାଏ । ଅଷ୍ଟମ ଗୁଣଠାରୁ ପୁଣି ଦୁଇଗୁଣ ବଡ ହୋଇ ସପ୍ତମ ଗୁଣ ରହିଥାଏ । ସେହିଭଳି ସପ୍ତମ ଗୁଣଠାରୁ ଦୁଇଗୁଣ ବଡ ହୋଇ ଷଷ୍ଠତମ ଗୁଣ ରହିଥାଏ । ଏହିଭଳି ଗୋଟିକଠାରୁ ଗୋଟିଏ ଦୁଇଗୁଣ ବଡ ହୋଇ ରହିବା ଦ୍ୱାରା ଶେଷରେ ବଡଗୁଣଟି ସୃଷ୍ଟି ହୋଇଥାଏ ।

ଆପଣ ବୁଝିପାରିବା ପାଇଁ ଗଣିତ ରୂପରେ ବୁଝାଉଛି ଦେଖନ୍ତୁ । ଛୋଟ ଗୁଣରୁ ବଡ ଗୁଣ ପର୍ଯ୍ୟନ୍ତ କିଭଳି ପରିମାଣ ସୃଷ୍ଟି ହୋଇଛି ତାହାକୁ ସଂଖ୍ୟାରେ ଦେଖନ୍ତୁ । ଏହା କେବଳ ଉଦାହରଣ ବୋଲି ମନେ ରଖନ୍ତୁ । ଗୋଟିଏ ବାଉଁଶ ପାତିଆକୁ ପଛକୁ ଯେତିକି ବଙ୍କାକରି ଭିଡି ଛଡାଯାଏ ତାହା ଆଗକୁ ଯେତିକି ବଳରେ ଫେରିଥାଏ ତାହାକୁ ବାଉଁଶ ପାତିଆର ଏକ ବଳ କୁହାଯାଏ । ଆଶା ନାମକ ଶେଷଗୁଣ ଏକ ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥିବାବେଳେ, ଦ୍ୱିତୀୟଟି ଦୁଇ ବାଉଁଶପାତିଆର ବଳଯୁକ୍ତ ହୋଇ

ରହିଥାଏ, ତୃତୀୟ ଆଶା ସେହି ଅନୁସାରେ ଚାରିଗୋଟି ବାଉଁଶପାତିଆର ବଳଯୁକ୍ତ ହୋଇଥାଏ, ଚତୁର୍ଥ ଆଶା ଆଠଗୋଟି ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥାଏ, ସେହିଭଳି ୫ମ ଆଶା ୧୬ଗୋଟି ବାଉଁଶପାରିଆର ବଳଯୁକ୍ତ ହୋଇ ରହିଥାଏ, ୬ଷ୍ଠ ଆଶା ୩୨ଗୋଟି ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥାଏ, ୭ମ ଆଶା ୬୪ ଗୋଟି ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥାଏ, ସେହିଭଳି ୮ମ ଆଶା ୧୨୮ଗୋଟି ବାଉଁଶ ପାତିଆ ବଳଯୁକ୍ତ ହୋଇ ରହିଥାଏ । ଏହିଭଳି ଶେଷରେ ରହିଥିବା ସବୁଠାରୁ ବଡ ଆଶା ବା ନବମ ଆଶା ୨୫୬ଗୋଟି ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥାଏ । ଏହିଭଳି ଆଶା ନାମକ ନଅଗୋଟି ଆଶାଗୁଣ ବଡରୁ ସାନକ୍ରମେ ବଳଯୁକ୍ତ ହୋଇ ରହିଥାନ୍ତି । ଛୋଟ ଆଶାଠାରୁ ବଡଆଶା ପର୍ଯ୍ୟନ୍ତ ଦେଖିଲେ ଛୋଟ ଆଶା ଗୋଟିଏ ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥିବା ସ୍ଥଳେ, ବଡଆଶା ୨୫୬ ଗୋଟି ବାଉଁଶପାତିଆର ବଳଯୁକ୍ତ ହୋଇ ରହିଥାଏ ବୋଲି ଜଣାଯାଉଛି । ଆଶା ବା କାମ ନାମକ ଗୁଣ ଯେମିତି ନଅ ଭାଗରେ ରହି, ବଳ କ୍ରମରେ ରହିଥାଏ ସେହିଭଳି ଅନ୍ୟ ୧୧ଗୋଟି ଗୁଣ ମଧ୍ୟ ପରିମାଣରେ, ବଳରେ ଭିନ୍ନତା ନେଇ ରହିଥାନ୍ତି । ଏହିଭଳି ୧୨ଗୋଟି ଗୁଣ ପ୍ରତ୍ୟେକ ନଅ ନଅ ଭାଗରେ ବିଭାଜିତ ହୋଇ ୧୦୮ ଭାଗର ହୋଇ ରହିଥାନ୍ତି ।

ବିଷୟ ଭାବ ବୁଦ୍ଧିରେ ପ୍ରବେଶ କଲାବେଳେ ତାହା ଗୁଣ ପ୍ରଭାବରେ ବଦଳିଯାଏ । ଏହି ବଦଳିଯିବା କାର୍ଯ୍ୟ କର୍ମ ଅନୁସାରେ ହୋଇଥାଏ । କର୍ମ ଯେତିକିତମ ଭାଗରେ ଅଛି, ସେତିକିତମ ଭାଗର ଗୁଣ ବୁଦ୍ଧିରେ ପହଞ୍ଚିବା ବେଳେ, ତାହା ୧୨ଗୋଟି ଗୁଣରେ ଗୁଣିହୋଇ ସମ୍ପୂର୍ଣ୍ଣ ଗୁଣପ୍ରଭାବରେ ବଦଳିଯାଏ । ଏହିଭଳି କର୍ମର ନଅ ଭାଗରୁ ଯାହା ଥିବ ତାର ଉପଯୁକ୍ତ ନଅଭାଗର ଏକ ଗୁଣ ବୁଦ୍ଧିରେ ପହଞ୍ଚିବାବେଳେ ତାହା ବାର ଗୁଣରେ ଗୁଣିହେଉଥିବାରୁ ଗୁଣ ନାମଟି ଗୁଣିହେବା କାରଣରୁ ଅଛି

ବୋଲି ଜଣାଯାଉଛି । ଏହିଭଳି ପ୍ରତିଦିନ ପ୍ରତି ବିଷୟରେ ମଣିଷ ଶରୀରର କର୍ମ ଭାଗ ଅନୁସାରେ ଗୁଣଭାଗ ଆସୁଛି, ତାହା ୧୨ଗୁଣହୋଇ ବୁଦ୍ଧିରେ ଲାଗିରହି ଜୀବ ଉପରେ ପ୍ରଭାବ ଆଣୁଛି । ଶରୀରରେ ପୁଣ୍ୟକର୍ମ ହେଉ କି ପାପକର୍ମ ହେଉ ଗୁଣ ଦ୍ୱାରା ହିଁ ମଣିଷକୁ ଆଲୋଡିତ କରୁଛି । ପୁଣ୍ୟକର୍ମ ଛଅଗୋଟି ଭଲଗୁଣ ଗୁଡିକର ନଅଭାଗରୁ ବା ୫୪ଗୁଣ ଭାଗରୁ କୌଣସି ଏକ ଗୁଣକୁ ପ୍ରେରଣ କରି ବୁଦ୍ଧିରେ ଆଲୋଚିତ ହେବା ଭଳି କରୁଛି । ଏଭଳି ବୁଦ୍ଧିରେ ଜାତ ହେଉଥିବା ଗୁଣପ୍ରଭାବ ୧୨ଭାଗରେ ଗୁଣିହୋଇ ଯେଉଁ ବଳ ସୃଷ୍ଟି କରୁଛି ତାହା ଜୀବ ଉପରେ ସେତିକି ବଳର ସୁଖ ନାମକ ଆଲୋଡନ ବା ପ୍ରଭାବ ଆଣୁଛି । ସେତେବେଳେ ଜୀବ ସୁଖ ନାମକ ଆଲୋଡନକୁ ଅନୁଭବ କରୁଛି । ସେହିଭଳି କେତେକ ପାପ ବିଷୟରେ ମଧ୍ୟ ଜୀବ ଦୁଃଖକୁ ଅନୁଭବ କରୁଛି । ଏହିଭଳି କର୍ମକୁ ଅନୁଭବ କରିବାରେ ଶରୀରରେ ଗୁଣଗୁଡିକ ମୁଖ୍ୟ ପାତ୍ର ପୋଷଣ କରୁଛନ୍ତି । ୧୦୮ଭାଗରେ ଥିବା ୧୨ଗୋଟି ଗୁଣ ୧୨ଗୁଣରେ ଗୁଣିହୋଇ ୧୨ଗୁଣର ପ୍ରଭାବ ଦେଖାଇ କର୍ମକୁ ଅନୁଭବ କରାଉଛି ।

ଗୁଣଚକ୍ରର ଗୋଟିଏ ଗୁଣଭାଗରେ ବାରଗୋଟି ଗୁଣ ରହିଥାଏ । ତିନି ଗୁଣଭାଗରେ ମୋଟ ୩୬ଗୋଟି ଗୁଣ ରହିବାବେଳେ ସେଗୁଡିକର ପ୍ରଭାବକୁ ମାୟା ନାମରେ କହୁଛେ । ମାୟା ନାମକ ଗୁଣପ୍ରଭାବକୁ କେହି ଅତିକ୍ରମ କରିପାରନ୍ତି ନାହିଁ ବୋଲି "ମମ ମାୟା ଦୂରତ୍ୟୟା" ଭଗବତ୍ ଗୀତାରେ ମଧ୍ୟ କହିଛନ୍ତି । ଈଶ୍ୱର ମଣିଷ ହୋଇ (ଭଗବାନ ହୋଇ) ଜନ୍ମହେଲେ ମଧ୍ୟ, ତାଙ୍କ ଶରୀରରେ ମଧ୍ୟ ଗୁଣରାଜି ରହିଥିବାରୁ ମାୟା ନାମକ ଗୁଣପ୍ରଭାବ ଭଗବାନଙ୍କ ଉପରେ ମଧ୍ୟ କାର୍ଯ୍ୟ କରିଥାଏ ବୋଲି ଜଣାଇବା ପାଇଁ ଦେବାଳୟରେ ସାକାର ପ୍ରତିମା ଭାବରେ ଥିବା ଭଗବାନଙ୍କ ପ୍ରତିମା ଚାରିକଡେ ମାୟା ରହିଛି ବୋଲି ସୂଚାଇ ସିଂହତୋରଣ ଥାଏ । ମାୟା ପ୍ରଭାବକୁ ସିଂହତୋରଣ ସୂଚାଉଥିବାରୁ ତାହାକୁ ପ୍ରଭାବଳୀ

ନାମରେ ମଧ୍ୟ କେତେକାଞ୍ଚଳରେ କହିଥାନ୍ତି । ମାୟାର ଗୁଣ ପ୍ରଭାବରେ କେତେବଡ ମଣିଷଟି ମଧ୍ୟ ପ୍ରଭାବିତ ହୋଇଥାଏ । ମାୟା ଭଗବାନଙ୍କୁ ମଧ୍ୟ ଛାଡିନଥାଏ ବୋଲି ମନ୍ଦିରର ସିଂହତୋରଣରୁ ଜାଣିହେଉଥିବା ବେଳେ, ମୁଁ ଜ୍ଞାନମାର୍ଗରେ ଅଛି ବୋଲି କହୁଥିବା ଲୋକକୁ ହେଉ, ମୁଁ ଜଣେ ସ୍ୱାମୀଜୀ ବୋଲି କହୁଥିବା ଲୋକକୁ ହେଉ ମାୟା ସେମାନଙ୍କୁ ନଛାଡି ଧିରେ ଧିରେ ନିଜର ମାର୍ଗରେ ନେଇ ଈଶ୍ୱରଙ୍କଠାରୁ ଦୂର କରିଦେଇଥାଏ, କିନ୍ତୁ ଯିଏ ପ୍ରକୃତ ଈଶ୍ୱରଙ୍କୁ ଆଶ୍ରୟକରି ଧର୍ମଯୁକ୍ତ ଭାବରେ ବିଶ୍ୱାସକରେ ମାୟା ତାର କିଛି କରିପାରେ ନାହିଁ । ଯଦି ଆଚରଣରେ ଟିକିଏ ମଧ୍ୟ ଅଧର୍ମ ଆସିଯାଏ ତେବେ ମଧ୍ୟ ମାୟା କେତେବଡ ଜ୍ଞାନୀକୁ ମଧ୍ୟ ଛାଡେ ନାହିଁ ।

ଭୂପୃଷ୍ଠରେ ଜନ୍ମହୋଇଥିବା କେତେବଡ ନାମଧାରୀ ହେଉ ତାକୁ ଗୁଣ ରୂପରେ ଥିବା ମାୟା ଦୈବମାର୍ଗରୁ ଦୂର କରିଦେବାକୁ ଚେଷ୍ଟା କରିଥାଏ । ମଣିଷର ବିଦ୍ୟାଭ୍ୟାସରେ ଏକ ବିଦ୍ୟାକୁ ଶିଖି, ଗୋଟିଏ ଶ୍ରେଣୀରୁ ଅନ୍ୟ ଗୋଟିଏ ଶ୍ରେଣୀକୁ ଉତ୍ତିର୍ଣ୍ଣ ହୋଇ ମୁଁ ଅମୁକ ବିଦ୍ୟା ଜାଣିଛି ବୋଲି ଚିହ୍ନିତ ହେବା ପାଇଁ, ବାରଗୋଟି ପାଠ୍ୟାଂଶକୁ ସମ୍ପୂର୍ଣ୍ଣ ଶିଖି, ବାରଗୋଟି ପାଠ୍ୟାଂଶକୁ ପରୀକ୍ଷାରେ ଲେଖି ସେଥିରୁ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ । କୌଣସି ଏକ ପାଠ୍ୟାଂଶରେ ମାର୍କ କମ୍ ଥିଲେ ସେ ସେହି ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇପାରେ ନାହିଁ । ସେ ଜଣେ ବିଦ୍ୟାବେତ୍ତା କହିବା ପାଇଁ ସବୁ ପାଠ୍ୟାଂଶରେ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ । ବିଦ୍ୟାବେତ୍ତା ହେବା ପାଇଁ ଯେମିତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ, ସେହିଭଳି ମଣିଷ ସମ୍ପୂର୍ଣ୍ଣ ଜ୍ଞାନବେତ୍ତା ହେବା ପାଇଁ ମାୟା ନାମକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ । ହେଲେ ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ନଥିବା ଲୋକ, ଧର୍ମବଦ୍ଧ ଭାବରେ ଜୀବନ ବଞ୍ଚୁନଥିବା ଲୋକ ମାୟା ପ୍ରଭାବରେ ପ୍ରଭାବିତ ହୋଇ, ମାୟାକୁ ଜୟ କରି ନପାରି ମାୟା ଭିତରେ ହିଁ ଛନ୍ଦିହୋଇ ରହିଯାଏ । ବ୍ରହ୍ମବିଦ୍ୟାଶାସ୍ତ୍ରକୁ ଛାଡି ଆଚରଣ କରୁଥିବା, ଧର୍ମଶାସ୍ତ୍ର କେଉଁଟି

ବୋଲି ଜାଣିପାରି ନଥିବା ବ୍ୟକ୍ତିର ଆଚରଣ ବ୍ରହ୍ମବିଦ୍ୟାର ବିରୁଦ୍ଧ ହେବା ସହିତ ସେ ଭୌତିକ ଲାଭ ପାଇଁ ବ୍ରହ୍ମବିଦ୍ୟାକୁ ବ୍ୟବହାର କରି ସର୍ବଦା ମାୟା ଭିତରେ ହିଁ ରହିଯାଏ ।

ଭୂପୃଷ୍ଠରେ କେତେବଡ ନାମ କମାଇଥିବା କୌଣସି ଲୋକ କେତେବଡ ଜ୍ଞାନୀ ହେଲେ ମଧ୍ୟ ମାୟା ତାକୁ ଛାଡି ନଥାଏ । ଦୈବଧର୍ମକୁ ଅତିକ୍ରମ ନକରି ଯିଏ ଆଚରଣ କରିଥାଏ କେବଳ ସେ ହିଁ ମାୟାକୁ ଅତିକ୍ରମ କରିପାରେ । ପ୍ରକୃତିଶକ୍ତି ମାୟାଶକ୍ତି ଭାବରେ ଥିବାବେଳେ, ମାୟାଶକ୍ତି ଗୁଣଶକ୍ତି ହୋଇ ରହିଥାଏ । ବାରଗୋଟି ଗୁଣଶକ୍ତି ଜୀବକୁ ଦୈବମାର୍ଗରୁ ଦୂର କରିଥାଏ । ମାୟା ଏଭଳି ରହିଲେ ମଧ୍ୟ ଈଶ୍ୱରଙ୍କ ବ୍ୟତିରେକୀ ବୋଲି କହିପାରିବା ନାହିଁ । କାରଣ ! ମାୟାକୁ ଈଶ୍ୱର ହିଁ ତିଆରି କରିଛନ୍ତି, ଦୈବ ନିର୍ମିତ ମାୟାକୁ ଈଶ୍ୱର ଭଗବଦ୍ଗୀତାରେ ମୋର ମାୟା ବୋଲି କହିବାକୁ ଯାଇ "ମମ ମାୟା" ବୋଲି କହିଛନ୍ତି । ଯିଏ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇଥାଏ ସେ ପ୍ରକୃତିଶକ୍ତି ହୋଇଥିବା ମାୟାକୁ ଅତିକ୍ରମ କରିପାରେ । ଅର୍ଥାତ୍ ମାୟା ତାକୁ ଈଶ୍ୱରଙ୍କ ମାର୍ଗରେ ଚଲାଇବା ଭଳି କରିଥାଏ । ସେହିଭଳି ଈଶ୍ୱରଙ୍କ ଈପ୍ସିତ କାର୍ଯ୍ୟ କରୁନଥିବା ଲୋକକୁ ମାୟା ଈଶ୍ୱରଙ୍କ ମାର୍ଗରେ ରହିବା ଭଳି ଭ୍ରମିତ କରିଥାଏ । ମାୟା ବାବଦରେ, ମାୟା ମଣିଷକୁ କିପରି ଭ୍ରମିତ କରିଥାଏ ସେ ବାବଦରେ କେହି କହିପାରନ୍ତି ନାହିଁ । ମାୟା ବାବଦରେ ସମ୍ପୂର୍ଣ୍ଣ କାହାକୁ ଜଣାନଥାଏ । ତେଣୁ ମାୟା ମଣିଷକୁ ସବୁଦିଗରୁ ଭ୍ରମିତ କରି ଦୈବମାର୍ଗରୁ ଦୂର କରିଥାଏ । ଦୈବମାର୍ଗରେ ମୁଁ ଯଦି ସଠିକ ଆଚରଣ ନକରିବି ତେବେ ମୋତେ ମଧ୍ୟ ମାୟା ଛାଡିବ ନାହିଁ । ତେଣୁ ଦୈବମାର୍ଗରେ ରହିବାକୁ ଇଚ୍ଛା କରୁଥିବା କୌଣସି ବ୍ୟକ୍ତି ସତର୍କତାର ସହିତ ରହିବା ଉଚିତ୍ ।

ଏପର୍ଯ୍ୟନ୍ତ ମାୟା ବାବଦରେ ମୋତେ ଯାହା ଜଣାଥିଲା ତାହା କହିଲି । ମାୟାକୁ ବିଭାଜନ କରି ଦେଖିଲେ ମାୟା ଗୁଣ ରୂପରେ ରହିଥାଏ ବୋଲି ଜଣାଯାଏ । ପ୍ରତ୍ୟେକ ଶରୀରରେ ବାରଗୋଟି ଗୁଣ ରୂପରେ ଥିବା

ମାୟା ନିଜର ଗୁଣ ଦ୍ୱାରା ମଣିଷକୁ ପରିଚାଳିତ କରିଥାଏ । ମାୟା ମଣିଷକୁ ତାର ଗୁଣ ଭାଗର ଗୁଣ ଦ୍ୱାରା ପ୍ରଭାବିତ କରି ଦୁଃଖସୁଖକୁ ଅନୁଭବ କରିବା ଭଳି କରାଇଥାଏ । ୧୦୮ ଗୁଣର କୌଣସି ଏକ ଗୁଣ ଏକ ସମୟରେ, କୌଣସି ଏକ ଏକ ବିଷୟରେ କାର୍ଯ୍ୟ କରିବା ଦ୍ୱାରା ବାର ଭାଗର ଗୁଣରେ ଥିବା ସମସ୍ତ ବଳ ସେହି ଗୋଟିଏ ଗୁଣରେ ରହି ମଣିଷକୁ କର୍ମ ଭିତରେ ବୁଡିରହିବା ଭଳି କରି, ଦୈବମାର୍ଗରୁ ଦୂର କରିଥାଏ ।

**ପ୍ରଶ୍ନ:-** ଏତେ ବଳଶାଳୀ ମାୟାକୁ ଜୟ କରିବା ପାଇଁ କଣ କିଛି ମାର୍ଗ ଅଛି । ମଣିଷ କେଉଁ ମାର୍ଗରେ ଗଲେ ମାୟାକୁ ଡେଇଁ ଈଶ୍ୱରଙ୍କ ନିକଟ ହୋଇପାରିବ ?

**ଉତ୍ତର:-** ସେଇ କଥା ତ ଏତେବେଳ ଯାଏଁ କହୁଥିଲି । ଯିଏ ବ୍ରହ୍ମବିଦ୍ୟାକୁ ଅତିକ୍ରମ କରି ଆଚରଣ କରିବ, ବ୍ରହ୍ମବିଦ୍ୟା ନଜାଣି ମୁଁ ଦୈବମାର୍ଗରେ ଅଛି ବୋଲି କହୁଥିବ, ବ୍ରହ୍ମବିଦ୍ୟାକୁ ନେଇ ଯିଏ ଭୌତିକ ଲାଭ ଆଶା କରୁଥିବ ସେ ମାୟାକୁ କଦାପି ଜୟ କରିପାରିବ ନାହିଁ, ସେଭଳି ଲୋକକୁ ତାର ଗୁଣରାଜି ହିଁ ଭ୍ରମିତ କରି ନିଜେ ଉଚିତ ମାର୍ଗରେ ଅଛି ବୋଲି ଭାବିବା ଭଳି କରି ଦୈବମାର୍ଗରୁ ଦୂର କରିଦେବ । ତେଣୁ ବଳଶାଳୀ ମାୟାକୁ ଜୟ କରିବା ପାଇଁ ଅର୍ଥାତ୍ ମାୟାରୁ ବହିର୍ଗତ ହେବାପାଇଁ ଈଶ୍ୱର ମଣିଷକୁ ଉପାୟ ମଧ୍ୟ କହିଛନ୍ତି । ସେହି ଉପାୟଗୁଡିକ ଦୈବଗ୍ରନ୍ଥ ହୋଇଥିବା ଭଗବଦ୍ଗୀତା, ବାଇବେଲ, କୋରାନରେ ଅଛି ।

**ପ୍ରଶ୍ନ:-** ତିନି ଦୈବଗ୍ରନ୍ଥକୁ ମହାନ କରି କହୁଥିବା ଲୋକମାନେ ମଧ୍ୟ ମତ ନାମକ ପ୍ରାଥମିକ ମାୟାରେ ପଡିଛନ୍ତି, ସେହି ଗ୍ରନ୍ଥଗୁଡିକ ଆମେ ପଢିଥିଲେ ମଧ୍ୟ, ସେଥିରେ ମାୟାକୁ ଜିତିବା ଉପାୟ ରହିଥିଲେ ମଧ୍ୟ ତାହା କଣ ଆମେ ବୁଝିପାରି ନାହୁଁ । ଗୁରୁ ଭାବରେ ଥିବା କିଛି ବଡଲୋକ ମାନଙ୍କୁ, ସ୍ୱାମୀଜୀମାନଙ୍କୁ, ବାବାମାନଙ୍କୁ ମାୟାକୁ ଜିତିବା ଉପାୟ ବାବଦରେ

ପଚାରିଲେ, ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗର ୪୮, ୫୩ ତମ ଶ୍ଳୋକରେ ଈଶ୍ୱର ଯେଉଁ କାର୍ଯ୍ୟ କରିବା ଉଚିତ୍ ନୁହେଁ ବୋଲି କହିଛନ୍ତି, ସେହି କାର୍ଯ୍ୟସବୁ କଲେ ଜିତିହେବ ବୋଲି କହୁଛନ୍ତି । ଏହା ମୋର ଧର୍ମ ନୁହେଁ ବୋଲି ଯାହାସବୁ ଈଶ୍ୱର ସୂଚାଇଛନ୍ତି, ତାହା ହିଁ କିଛିଲୋକ ବୋଧ କରୁଛନ୍ତି । ଏସବୁ ଦେଖିଲେ ଈଶ୍ୱରଙ୍କୁ ପାଇବା ମାର୍ଗ ଆମକୁ ମିଳିବ ନାହିଁ ବୋଲି ସନ୍ଦେହ ଆସୁଛି । ଏପର୍ଯ୍ୟନ୍ତ ଏତେ ସୁନ୍ଦର ବିଷୟ ସବୁ କହିଥିବା ଆପଣ ଆମେ ବୁଝିପାରିବା ଭଳି ମାୟାକୁ ଜିତିବା ଉପାୟ କହନ୍ତୁ ବୋଲି ଆଶାକରୁଛୁ ।

**ଉତ୍ତର:-** ଆପଣଙ୍କ ଆଶା ଖୁବ୍ ଭଲ, କିନ୍ତୁ ତାହା ପୂରଣ କରିବା କ୍ଷମତା ମୋର ଅଛି ବୋଲି ମୁଁ ଭାବି ପାରୁନି । କାରଣ ! ମୁଁ ଜନ୍ମହେବା ବେଳୁ ଆଜିଯାଏଁ ଜୀବନ ବଞ୍ଚିବା ପାଇଁ ନାନା ଚେଷ୍ଟାରେ କାଳକାଟି ଆସିଛି । ମୁଁ ଏକ ଗରିବ ପରିବାରରେ ଜନ୍ମ ହୋଇଥିଲି, ସେଥିଲାଗି ପେଟପାଇଁ ନାନାନାଟ କରିଆସୁଛି । ତେଣୁ କିଏ ଯଦି ତୁ ବେଦ ଜାଣିଛୁ ବୋଲି ପଚାରୁଛି, ଉପନିଷଦ ପଢିଛୁ ବୋଲି ପଚାରୁଛି ସେତେବେଳେ ମୁଁ ସେସବୁ ପଢିନାହିଁ ବୋଲି କହୁଛି । ବେଦ, ଉପନିଷଦ ପଢି ନଥିବା ମୋତେ ସ୍ୱାମୀଜୀମାନେ, ପଣ୍ଡିତମାନେ ମୁଁ କହୁଥିବା ଜ୍ଞାନ ଠିକ୍ ନୁହଁ ବୋଲି କହୁଛନ୍ତି । ମୁଁ କହୁଥିବା ଜ୍ଞାନ ଉପରେ ସମସ୍ତଙ୍କର ବିଶ୍ୱାସ ନାହିଁ, କିନ୍ତୁ ମୋ ଜ୍ଞାନ ଉପରେ ମୋର ଭରସା ଅଛି । କାରଣ ! ମୋତେ ମୋ ଭିତରୁ ଆତ୍ମା ବୋଧ କରୁଥିବା ବିଷୟକୁ ମୁଁ ସମ୍ପୂର୍ଣ୍ଣ ସତ୍ୟ ବୋଲି ଧୈର୍ଯ୍ୟର ସହିତ କହୁଛି । ମୁଁ କହୁଥିବା ଜ୍ଞାନ ମୋପାଇଁ ମହାନ । କିନ୍ତୁ ବାହାର ଲୋକ ହୋଇଥିବା ଆପଣଙ୍କୁ ତାହା କିପରି ଲାଗୁଛି ଜାଣିନି, ଆପଣଙ୍କର ମୋ ଜ୍ଞାନ ଉପରେ ଯଦି ବିଶ୍ୱାସ ଅଛି ତେବେ ମାୟାକୁ ଜିତିବାର ଉପାୟ କହିପାରିବି ।

**ପ୍ରଶ୍ନ:-** ଭୂପୃଷ୍ଠରେ ଜ୍ଞାନବୋଧ କରୁଥିବା ଲୋକେ ଅନେକ ଅଛନ୍ତି ।

ସେମାନେ ମୁଖ୍ୟତଃ ସେମାନଙ୍କ ଆରାଧ୍ୟ ବାବଦରେ, ସେମାନଙ୍କ ଗ୍ରନ୍ଥ ବାବଦରେ, ମତ ବାବଦରେ, ଆରାଧନା ବାବଦରେ କହୁଛନ୍ତି । ତେଣୁ ଗୋଟିଏ ମତକୁ ଆଉ ଗୋଟିଏ ମତ, ଗୋଟିଏ ଜ୍ଞାନକୁ ଆଉ ଗୋଟିଏ ଜ୍ଞାନ ଖଣ୍ଡିତ କରୁଛି, ଗୋଟିଏ ଠିକ୍ ଲାଗିଲେ ଆଉ ଗୋଟିଏରେ ଲୋପ ଦେଖାଯାଉଛି । ତେଣୁ କାହାକୁ ବିଶ୍ୱାସ କରିବି, କାହାକୁ ନକରିବି ବୁଝିପାରୁ ନାହିଁ । ଏସବୁକୁ ଅନୁଧ୍ୟାନ କରିବା ପରେ ସମସ୍ତଙ୍କଠାରୁ ଭିନ୍ନ ଆପଣଙ୍କ ବାଣୀ ହୋଇଥିବାରୁ, ଆପଣ ସବୁ ମତକୁ ସମାନ ଦେଖୁଥିବାରୁ, ଆପଣଙ୍କ ଜ୍ଞାନ ସମସ୍ତଙ୍କ ଅପେକ୍ଷା ସ୍ୱତନ୍ତ୍ର ଲାଗୁଥିବାରୁ, ଈଶ୍ୱର କହିଥିବା ଧର୍ମଶାସ୍ତ୍ରକୁ ଆପଣ ସମର୍ଥନ କରୁଥିବାରୁ, ସ୍ୱଚ୍ଛଜ୍ଞାନ ଏବଂ ସ୍ୱଚ୍ଛ ଉପାୟ ଆପଣଙ୍କ ପାଖରୁ ମିଳିବ ବୋଲି ଭାବୁଛି । ତେଣୁ ଆପଣ କହୁଥିବା ଜ୍ଞାନ ଉପରେ ମୋର ସମ୍ପୂର୍ଣ୍ଣ ଭରସା ଅଛି । ତେଣୁ ମାୟାକୁ ଜିତିବା ଉପାୟ ଆପଣ ହିଁ ଅନୁଗ୍ରହ କରନ୍ତୁ ।

**ଉତ୍ତରଃ-** ମୁଁ ଆପଣଙ୍କୁ କହୁଥିବା ଜ୍ଞାନ ମୋ ଆତ୍ମା ମୋତେ ମାଗଣାରେ ଯୋଗାଇ ଦେଉଛି, ଆପଣ ମଧ୍ୟ ମାଗଣାରେ ପାଇ ପାରିବେ, ତେଣୁ ମାଗଣା ଜ୍ଞାନ ବୋଲି ହେୟବୁଦ୍ଧିରେ ଦେଖନ୍ତୁ ନାହିଁ, ଏହା ଅତି ମୂଲ୍ୟବାନ ଜ୍ଞାନ ବୋଲି ଭାବନା କରନ୍ତୁ । ମାୟା ଗୁଣର ପ୍ରଭାବ ବୋଲି ଜାଣିଲେ । ତାର ସାକ୍ଷୀ ଭାବରେ ଭଗବଦ୍ଗୀତାରେ ଈଶ୍ୱର "ଗୁଣମୟି ମମ ମାୟା" ବୋଲି କହିଛନ୍ତି । ତେଣୁ ମାୟା ନାମକ ଶବ୍ଦ ଶୁଣୁ ଶୁଣୁ ଶରୀରର ଗୁଣ ବୋଲି ମନେପଡେ । ଗୁଣକୁ ଜିତିଗଲେ ମାୟାକୁ ଜିତିବା ଭଳି ହୋଇଥାଏ । ତାକୁ ଜୟ କରିବାକୁ ହେଲେ ତା ବାବଦରେ ସମ୍ପୂର୍ଣ୍ଣ ଜାଣିବା ଉଚିତ୍ । ଗୁଣଗୁଡିକ ମୋଟ ୧୦୮ ଭାଗରେ ବିଭକ୍ତ ହୋଇଛନ୍ତି, ସେଗୁଡିକ ଭିତରୁ କୌଣସି ଗୋଟିଏ ଗୁଣ ବୁଦ୍ଧିକୁ ଛୁଇଁଲେ ତାହା ବାରଗୁଣରେ ଗୁଣିହୋଇଯାଏ ବୋଲି, ମଣିଷକୁ ଭ୍ରମିତ କରିବାରେ ମୁଖ୍ୟପାତ୍ର ପୋଷଣ କରିଥାଏ ବୋଲି ମଧ୍ୟ ଜାଣିଲେ । ଏହିଭଳି ବଳଶାଳୀ ହୋଇ ରହିଥିବା ଗୁଣକୁ ବା ମାୟାକୁ ଜିତିବା

ପାଇଁ ତିନି ଦୈବଗ୍ରନ୍ଥ ଗୋଟିଏ ସୂତ୍ରକୁ ଜଣାଉଛନ୍ତି । ତିନି ଦୈବଗ୍ରନ୍ଥରେ କୁହାଯାଇଥିବା ଧର୍ମଶାସ୍ତ୍ରକୁ ଜାଣିପାରିବା ଦ୍ୱାରା ମାୟାକୁ ସହଜରେ ଜୟ କରିହେବ ।

ମାୟାକୁ ଈଶ୍ୱର ହିଁ ତିଆରି କରିଛନ୍ତି । ତେଣୁ ମାୟାକୁ ଜିତିବା ଉପାୟ ମଧ୍ୟ ଈଶ୍ୱର ଜଣାଇବେ । ଈଶ୍ୱର ଜଣାଇଥିବା ଉପାୟକୁ ଆମେ ଜାଣିବା ଉଚିତ୍ । ଈଶ୍ୱର ଆଗରୁ ମଣିଷ ପାଇଁ ଗୁଣ ନାମକ ମାୟାକୁ କଳ୍ପନା କରି, ତାପରେ ମାୟାର ଔଷଧ ଭଳି ମଣିଷକୁ ଜ୍ଞାନ ଦେଇଛନ୍ତି । ଟିକିଏ ଆଗରୁ ଗୁଣ କିପରି ଗୁଣିହୋଇଥାଏ ସେ ବାବଦରେ କହିଥିଲି । କୌଣସି ଗୁଣ ହେଉ ତାର ସ୍ୱଭାବ ଅନୁସାରେ ନଥିବା ଜିନିଷକୁ କଳ୍ପନା କରି, ଛୋଟ ଜିନିଷକୁ ବଡ କରିଥାଏ । ତେଣୁ ଗୁଣରେ ପ୍ରବେଶ କରିଥିବା କୌଣସି ବିଷୟ ବଢିବାକୁ ଲାଗେ ସିନା କମ୍ ହୋଇ ନଥାଏ । ମଣିଷ ମୁଣ୍ଡରେ ଥିବା ବାରଗୁଣ ବାର ପ୍ରକାରର ବ୍ୟାପକତାକୁ କଳ୍ପନା କରିଥାଏ । ତା ଭିତରେ ହିଁ ମଣିଷ ଜୀବନ ନିର୍ବାହ କରେ । ଏହିଭଳି ଗୁଣ ଗୁଣିତ ହୋଇଥାଏ ବା ବଢିଥାଏ ବୋଲି ଜଣାଯାଉଛି ।

ମାୟାର ବ୍ୟତିରେକୀ ହେଉଛି ଧର୍ମ । ମାୟା ବଢାଇଥାଏ, ଧର୍ମ ଥିବା ଜିନିଷକୁ ନଥିବାର କରିଥାଏ । **"ଧମ୍"** ଶବ୍ଦରୁ ହିଁ ଧର୍ମର ଜନ୍ମ ହୋଇଛି । **"ଧମ୍"** କହିଲେ, ନାଶନ ବା ବିନାଶ । **ତେଣୁ ଧର୍ମ କହିଲେ, ସବୁକିଛିର କାରଣ ହୋଇଥିବା କର୍ମକୁ ଯାହା ବିନାଶ କରିଥାଏ** ବୋଲି ଅର୍ଥ ମିଳିଥାଏ । ଗୁଣ ଥିଲେ ତାର ଅନୁବନ୍ଧିତ ହୋଇ କର୍ମ ରହିଥାଏ । ଗୁଣ ନଥିଲେ କର୍ମ ନଥାଏ । ତେଣୁ ଯେଉଁ ଗୁଣ ମାୟା ଭାବରେ କୁହାଯାଉଛି, ସେହି ଗୁଣକୁ କମ୍ କରିବା ହିଁ ଧର୍ମ । ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୩୨ତମ ଶ୍ଳୋକରେ ଈଶ୍ୱର ହୋଇଥିବା ଭଗବାନ ନିଜ ବାବଦରେ କହିବାକୁ ଯାଇ **"କାଲୋସ୍ମି ଲୋକକ୍ଷୟ.."** ଅର୍ଥାତ୍ ମୁଁ କାଳ ହୋଇ ଲୋକକୁ ବିନାଶ ବା କ୍ଷୟ କରିଥାଏ ବୋଲି କହିଛନ୍ତି, ଅର୍ଥାତ୍ ଈଶ୍ୱର

ନିଜକୁ ବିନାଶକ ବୋଲି କହିଛନ୍ତି । ସେହି ଈଶ୍ୱରଙ୍କ ସମ୍ବନ୍ଧୀୟ ଧର୍ମ ହିଁ ବିନାଶ କରୁଛି । ତେଣୁ ଧର୍ମ କହିଲେ ଯାହା ବିନାଶ କରିଥାଏ, ଆଉଟିକିଏ ଅଧିକ କହିଲେ ଲୋକ କହିଲେ ଗୁଣଭାଗ ବୋଲି ବୁଝାଯାଏ, ତେଣୁ ତିନିଗୁଣକୁ ହିଁ ବୁଝିବା ଉଚିତ୍ । ତାମସ, ରାଜସ, ସାତ୍ତ୍ୱିକ ନାମକ ତିନି ଗୁଣଭାଗକୁ ଆଧ୍ୟାତ୍ମିକରେ ତ୍ରିଲୋକ କୁହାଯାଏ । ଏହି ତିନି ଗୁଣଭାଗରେ ଥିବା ୧୦୮ଗୁଣକୁ ବିନାଶ କରୁଥିବା ପ୍ରଣାଳୀକୁ ଧର୍ମ ବୋଲି କହୁଛୁ । ଯାହା ଅଛି ତାହାକୁ ବିନାଶ କରିବା କାର୍ଯ୍ୟକୁ ମୁଖ୍ୟକାର୍ଯ୍ୟ କରି ଯେଉଁ ଦୈବବିଧାନ ରହିଛି ତାହା ହିଁ ଧର୍ମ । ମଣିଷର କର୍ମକୁ, ଗୁଣକୁ ଥିବା ଯାଗାରୁ ହଟାଇବା ବିଧିକୁ ହିଁ ଦୈବଧର୍ମ ବୋଲି କହୁଛୁ ।

ଧର୍ମଶାସ୍ତ୍ର କହିଲେ ଆପଣଙ୍କୁ, ମୋତେ, ସମସ୍ତଙ୍କୁ, ସର୍ବସ୍ୱକୁ ନଥିବାର କରୁଥିବା ଶାଶନଯୁକ୍ତ ଧର୍ମ । ମାୟା କହିଲେ ଯାହା କର୍ମକୁ ବଢାଇଥାଏ ବା ଜଗତବୃଦ୍ଧି କରିଥାଏ । ଏହାର ବିରୁଦ୍ଧ ହୋଇ ଯାହା ରହିଛି ତାହା ଧର୍ମଶାସ୍ତ୍ର । ଧର୍ମଶାସ୍ତ୍ରରେ ଆପଣ ଆପଣଙ୍କର ବିନାଶ କରିବା ଉପାୟ ରହିଛି । ଏକଥା ଶୁଣୁଥିବା ଆପଣ ଟିକିଏ ଆଶ୍ଚର୍ଯ୍ୟ ହେଉଥିବେ । କାରଣ ! ମାୟାକୁ ଜିତିବା ପାଇଁ ଯେଉଁ ଜ୍ଞାନ, ଯୋଗ, ଭକ୍ତିମାର୍ଗ, ଆରାଧନା କ୍ରମ, ଆଚରଣ ବିଧି କହିବେ ବୋଲି ଭାବିବା ବେଳେ, ମୁଁ ବିନାଶମାର୍ଗ କହୁଛି କାହିଁକି ବୋଲି ଆପଣ ଭାବିପାରନ୍ତି । ଦୈବବିଧିରେ ଆପଣ ଭାବୁଥିବା ଭଳି ଆରାଧନା, ଆଚରଣ ନଥାଏ । କାରଣ ଦୈବବିଧାନ ଧର୍ମଯୁକ୍ତ ହୋଇ ରହିଥାଏ । ମାୟା ନାମକ ଗୁଣ ବଢୁଥିବା ବେଳେ ତାକୁ କମ୍ କରିଥାଏ ଧର୍ମ ବୋଲି ଜାଣିବା ଉଚିତ୍ ।

**ଆୟୁଧମ୍ (ଆୟୁଧ, ଅସ୍ତ୍ର) କହିଲେ ଯାହା ଆୟୁକୁ ବିନାଶ କରିଥାଏ । ଏହି ପଦରେ ଆୟୁ କହିଲେ ଆୟୁଷ, ଧମ୍ କହିଲେ ବିନାଶ କରେ** । (“ଧମ୍” ଶବ୍ଦରୁ ମ୍ କଟିଯାଇ, କେବଳ “ଧ” ବଳକା ରହିଯାଇ କେତେକ ଭାଷାରେ ଆୟୁଧ କୁହାଯାଉଛି ।) ଆୟୁଷକୁ ନାଶ

କରୁଥିବା ଛୁରୀ, ଖଡ୍ଗ, କୁରାଢି ଇତ୍ୟାଦିକୁ ଆମେ ଆୟୁଧ କହୁଛେ । ମଣିଷର ଆୟୁକୁ ବିନାଶ କରୁଥିବା ଛୁରୀକୁ ସେହି ଅର୍ଥରେ ଆୟୁଧ ବୋଲି କହୁଛେ । ତାଭିତରେ "ଧମ୍" ବିନାଶକୁ ସୂଚିତ କରୁଥିବାବେଳେ, ଧମ୍ ଶବ୍ଦରୁ ଜନ୍ମ ହୋଇଛି ଧର୍ମ । ଈଶ୍ୱର ବିନାଶକ ବୋଲି ଗୀତାରୁ ଜାଣିବା ପରେ, ଧମ୍ ଶବ୍ଦ ଅନୁସାରେ ଈଶ୍ୱର ଧର୍ମଯୁକ୍ତ ବୋଲି କୁହାଯାଏ । ସେହି ଈଶ୍ୱରଙ୍କୁ ଜାଣିବାକୁ ହେଲେ ତାଙ୍କ ଧର୍ମସବୁ କଅଣ ଅଛି ଜାଣିବାକୁ ପଡିଥାଏ । ଧର୍ମ ବାବଦରେ ଜାଣିଗଲା ପରେ ସର୍ବବିନାଶକ ଈଶ୍ୱର କିପରି ଥାଆନ୍ତି ଜାଣିହୁଏ । ତେଣୁ ଈଶ୍ୱରଙ୍କୁ ଜାଣିବାପାଇଁ ତାଙ୍କ ଧର୍ମକୁ ଶାସ୍ତ୍ରବଦ୍ଧ ରୀତିରେ ଜାଣିବା ଉଚିତ୍ । ଏହିଭଳି ଈଶ୍ୱରଙ୍କ ଶାଶନରେ ପରିପୂର୍ଣ୍ଣ ହୋଇ ରହିଥାଏ ଧର୍ମଶାସ୍ତ୍ର ।

ଜନ୍ମ ବଢାଇ ମଣିଷର ସଂଖ୍ୟାବୃଦ୍ଧି କରୁଥିବା ମାୟା ଆଜି ପ୍ରପଞ୍ଚକୁ (ପ୍ରକୃତିକୁ) ବଡ କରିପାରିଛି, ତାଆରି ଭିତରେ ଆମେମାନେ ମଧ୍ୟ ଅଛେ, ଆମେ ଆଉ ଜନ୍ମ ନହୋଇ, ଜଗତରେ ନରହିବା ପାଇଁ ହିଁ ଧର୍ମ ଜାଣିବା ଉଚିତ୍ । ଯେଉଁଥିରେ ଈଶ୍ୱରଙ୍କ ଧର୍ମ ରହିଥାଏ ତାହା ଧର୍ମଶାସ୍ତ୍ର । ଐଶ୍ୱରୀୟ ଭଗବଦ୍ଗୀତା, ବାଇବେଲ, କୋରାନ ଗ୍ରନ୍ଥରେ ସମ୍ପୂର୍ଣ୍ଣ ଧର୍ମଶାସ୍ତ୍ର ମିଶି ରହିଛି । ତେଣୁ ସେହି ତିନି ଗ୍ରନ୍ଥକୁ ଦୈବଗ୍ରନ୍ଥ ବା ଈଶ୍ୱରୀୟଗ୍ରନ୍ଥ ବୋଲି କହୁଛୁ, ସେଗୁଡିକରେ କର୍ମକୁ ବିନାଶ କରିବା ଉପାୟ ଅଛି । ସବୁକିଛିର କାରଣ କର୍ମ ବିନାଶ ହୋଇଗଲେ, କର୍ମ ଦ୍ୱାରା ଜାଗିଉଠୁଥିବା ଗୁଣ ମଧ୍ୟ ରହିବ ନାହିଁ । ଗୁଣ ବିନାଶ ହୋଇଗଲେ ଗୁଣଗୁଡିକ ଦ୍ୱାରା ଆମ ଉପରେ ପଡୁଥିବା ମାୟା ପ୍ରଭାବ ରହିବ ନାହିଁ । ମାୟା ନଥିବା ବେଳେ କେବଳ ବଳକା ରହିଯିବେ ଈଶ୍ୱର । ମାୟା ନଥିବା ସମୟରେ ମଣିଷର ଶରୀର ଭିତରେ ଥିବା ଈଶ୍ୱର ମଣିଷକୁ ଜଣାପଡିବେ । ସେତେବେଳକୁ ଜୀବ ଈଶ୍ୱରଙ୍କୁ ଜାଣିଯାଇଥିବ, ସେ (ଜୀବ) ଆଉ ଜଗତରେ ନଥାଇ ପରମକୁ ଚାଲିଯାଇଥିବ, ଅର୍ଥାତ୍ ମୋକ୍ଷ ପାଇଯାଇଥିବ । ଏହିଭଳି ଧର୍ମଶାସ୍ତ୍ର କହିଲେ ଯାହା ସମସ୍ତେ ଭାବନ୍ତି ତାହା ନୁହେଁ ।

ସୃଷ୍ଟି ରହିଥିବା ପର୍ଯ୍ୟନ୍ତ ସମସ୍ତଙ୍କୁ ଦୈବଧର୍ମ ଜଣାପଡିବା ପାଇଁ ଧର୍ମଗୁଡିକ ଗ୍ରନ୍ଥ ରୂପରେ ରହିଛି । ଧର୍ମଶାସ୍ତ୍ର ତିନିଗୋଟି ଗ୍ରନ୍ଥ ରୂପରେ ଅଛି, ତେଣୁ ତିନି ଗ୍ରନ୍ଥ ଧର୍ମଶାସ୍ତ୍ର ସମ୍ବନ୍ଧୀୟ ବୋଲି କହିପାରିବା । ଶାସ୍ତ୍ର କହିଲେ ଶାସନଯୁକ୍ତ । ଏହି ଶାସ୍ତ୍ର ସ୍ୱତନ୍ତ୍ର ଆଉ ଗ୍ରନ୍ଥ ସ୍ୱତନ୍ତ୍ର ଭାବରେ କୁହାଯାଇଛି । ଶରୀରରେ ଥିବା ଗ୍ରନ୍ଥିକୁ ସ୍ପନ୍ଦିତ କରିଥାଏ ଗ୍ରନ୍ଥ । ଶରୀରରେ ଥିବା ଈଶ୍ୱର ବା ଦୈବଙ୍କୁ ଜଣାଇଥାଏ ଧର୍ମଶାସ୍ତ୍ର । ଶରୀରରେ ଥିବା ଗ୍ରନ୍ଥିଗୁଡିକୁ ଉତ୍ତେଜିତ ବା ଆଲୋଡିତ କରୁଥିବା ବିଷୟ ଯେଉଁ ପୁସ୍ତକରେ ଥାଏ ତାହାକୁ ଗ୍ରନ୍ଥ ବୋଲି କହିପାରିବା । ଏହିଭଳି ଗ୍ରନ୍ଥକୁ ପାଠକରିବା ବେଳେ ଆଖିରୁ ଆନନ୍ଦାଶ୍ରୁ ବାହାରି ଆସିପାରେ । ଧର୍ମଶାସନ ରହିଥିବା କୌଣସି ପୁସ୍ତକ ଗ୍ରନ୍ଥ ହୋଇପାରେ, ସେହି ଗ୍ରନ୍ଥ ମଣିଷ ଭିତରେ ନୂଆ ଉତ୍ତେଜନା ଆଣି ଈଶ୍ୱରଙ୍କୁ ଜାଣିବାରେ ସାହାଯ୍ୟ କରେ । ଆମେ ଲେଖିଥିବା ବିଷୟଗୁଡିକ ଧର୍ମ ସମ୍ବନ୍ଧୀୟ ହୋଇଥିବାରୁ ସେଗୁଡିକ ଗ୍ରନ୍ଥ ହୋଇପାରିଛି । ଏହି ଛୋଟ ଲେଖାରେ ମୁଖ୍ୟ ହୋଇଥିବା ଧର୍ମଗୁଡିଏ ରହିଥିବାରୁ ଏହା ଏକ ଗ୍ରନ୍ଥ ବା ଧର୍ମଶାସ୍ତ୍ର ହୋଇପାରିଛି ।

## ସମାପ୍ତ

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**